ସାପ୍ତାହିକ

Postal Regd. No.: SBP/RN-01/2022-2024

# ସ୍ୱୀକାର

The Sweekar ସ୍ୱୀକାର

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା

RNI No. 66443/94

Vol.28 | Issue - 37 | 15 - 21 September 2024 | Sambalpur | Pages- 8 | Invitation Price Rs.10

## ସମ୍ବଲପୁରରେ 'ନୂଆଁଖାଇ' ଉତ୍ସବରେ ସାମିଲ୍ ହେଲେ ମୁଖ୍ୟମନ୍ତ୍ରୀ











ସମ୍ବଲପୁର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷ ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ' ସମ୍ବଲପୁରରେ ଯୋଗ ଦେଇଥିଲେ । ସମ୍ଭବତଃ ସେ ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ଯେ କି ପଶ୍ଚିମ ଓଡ଼ିଶାର ଗଣପର୍ବରେ ସାମିଲ ହୋଇଥିଲେ । ଶ୍ରୀ ମାଝୀ ସମଲେଶ୍ୱରୀ ମନ୍ଦିରରେ ତାଙ୍କ ଧର୍ମପତ୍ନୀ ଓ ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ମନ୍ତ୍ରୀଙ୍କ ଗହଣରେ ନୂଆଁ ଖାଇଥିଲେ । ଏହାଛଡ଼ା ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବାମଞ୍ଚ, ସମଲେଶ୍ୱରୀ ଯୁବକ ସଂଘ ପକ୍ଷରୁ ସମଲେଶ୍ୱରୀ ମନ୍ଦିରରେ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ୍, ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଝାଡୁଆପଡ଼ା ଏବଂ ନନ୍ଦପଡ଼ାରେ ଲକ୍ଷ୍ମୀନାରାୟଣ ଯୁବକ ସଂଘ ଓ ଚିତ୍ରୋତ୍ପଳା ଯୁବକ ସଂଘ ପକ୍ଷରୁ ମିଳିତ ଭାବେ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବରେ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଆୟୋଜିତ ଏକ ଉତ୍ସବରେ ସି.ଏମ୍. କିଷାନ ସହାୟତା ଯୋଜନାର ଶୁଭାରମ୍ଭ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଓ ବିଧାୟକ ଜୟନାରାୟଣ ମିଶ୍ର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।




## ଦିଲ୍ଲୀ 'ନୂଆଁଖାଇ' ଉତ୍ସବରେ ଯୋଗଦେଲେ ଡକ୍ଟର ପି.କେ ମିଶ୍ର

ନୂଆଦିଲ୍ଲୀ : ନୂଆଁଖାଇ ନ୍ୟାସନାଲ ସେଲିବ୍ରେସନ କମିଟି ଦୀର୍ଘ ବର୍ଷ ଧରି ଓଡିଶାର ସାଂସ୍କୃତିକ ଚେତନାର ପ୍ରଚାର ପ୍ରସାର କରି ଆସୁଥିବାରୁ ଏହା ଅଭିନନ୍ଦନର ପାତ୍ର ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର କହିଛନ୍ତି ।

ନ୍ୟାସନାଲ ସେଲିବ୍ରେସନ କମିଟି ତରଫରୁ ସ୍ଥାନୀୟ ହଜଖସ୍ ଜଗନ୍ନାଥ ମନ୍ଦିରରେ ଆୟୋଜିତ ୨୫ତମ 'ନୂଆଁଖାଇ' ଉତ୍ସବରେ ଯୋଗ ଦେଇ ଡକ୍ଟର ମିଶ୍ର ଏଥିପାଇଁ ସେ ସମସ୍ତ ଉଦ୍ୟୋକ୍ତା ତଥା ରାଜ୍ୟବାସୀଙ୍କୁ ନୂଆଁଖାଇ ପର୍ବର ଶୁଭେଚ୍ଛା ଜଣାଇଥିଲେ ।

ଏହି ଅବସରରେ ଅନୁପ କୁମାର ପୂଜାରୀ ଓ ଓଡ଼ିଶୀ ନୃତ୍ୟଶିଳ୍ପୀ ନିତିଶା ନନ୍ଦଙ୍କ ସଂଯୋଜନାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲ । କଳାକାରମାନେ ସମ୍ବଲପୁରୀ ବେଶଭୂଷାରେ ସଜେଇ ହୋଇଥିଲେ ଯାହାକି ନୂଆଁଖାଇ ପର୍ବର ଶୋଭାକୁ ଆହୁରି ଆକର୍ଷଣୀୟ କରିଥିଲା । 'ନୃତ୍ୟ ଅଭିନୟ' ଅନୁଷ୍ଠାନ ପକ୍ଷରୁ କବିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରାଯାଇଥିଲା । ବିମଳ ପଣ୍ଡାଙ୍କ




ନିର୍ଦ୍ଦେଶନାରେ 'ଅନ୍‌ଲାଇନ ଘପଲା' ନାମକ ଏକ ଏକାଙ୍କିକା ମଞ୍ଚସ୍ଥ ହୋଇଥିଲା । ଏଥିରେ ରାଜଶ୍ରୀ ମିଶ୍ର, ପୂର୍ଣ୍ଣେନ୍ଦୁ ହୋତା, ରଞ୍ଜିତା ବଡ଼ପଣ୍ଡା, ମଧୁଛନ୍ଦା ତ୍ରିପାଠୀ, ଶ୍ରୀମନ୍ତ କୁମାର ମିଶ୍ର, ସୁଜାତା ମିଶ୍ର, ଦେବାଶିଷ ମିଶ୍ର ଓ ସଂସ୍କୃତି ପଣ୍ଡା ପ୍ରମୁଖ ଯୁବ କଳାକାରମାନେ ଅଭିନୟ କରିଥିଲେ । ଶେଷରେ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।




## ଏ ସଂଖ୍ୟାରେ..



ହୃଦ୍‌ଘାତ ଆଶଙ୍କା କମ୍ କରେ ଶାଗ !



ଲେମ୍ବୁପାଣିର ଲାଭ



ଦେହକୁ ଭଲ କଦଳୀ



ଚାଉଳ ପାଣି ପିଇବାର ଉପାଦେୟତା



ପାଣି ପିଇବେ କିପରି ?



ଦହିର ଉପକାରିତା

# ଓଡ଼ିଶାରେ 'କାଳିଆ'ରେ ୧୨ ଲକ୍ଷ ଅଯୋଗ୍ୟ: ସିଏଜି ରିପୋର୍ଟ

ଭୁବନେଶ୍ୱର : ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ସିଏଜି (ମହାଲେଖାକାର)ଙ୍କ ରିପୋର୍ଟ ଉପସ୍ଥାପନ କରିଛନ୍ତି । କାଳିଆ ଯୋଜନା, କାମ୍ପା ଯୋଜନା, ବିଜୁ ଏକ୍ସପ୍ରେସ ୱେ ନିର୍ମାଣ, ଛାତ୍ର ବୃତ୍ତି ଅର୍ଥ ଆତ୍ମସାତ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି । କାଳିଆ ଯୋଜନାରେ ୧୨.୭୨ଲକ୍ଷ ଅଯୋଗ୍ୟ ହିତାଧାକାରୀଙ୍କୁ ପ୍ରାୟ ୭୮୨.୨୬କୋଟି ଟଙ୍କା ଦିଆଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

୨୦୧୯ ରୁ ୨୦୨୧ ମଧରେ ୬୫.୬୪ ଲକ୍ଷ ହିତାଧିକାରୀଙ୍କୁ ସରକାର କାଳିଆ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ୪୧.୬୪ ଲକ୍ଷ ହିତାଧିକାରୀଙ୍କୁ ୩ଥର, ୮.୦୯ ଲକ୍ଷ ଲୋକଙ୍କୁ ୨ଟି କିସ୍ତିରେ ଟଙ୍କା ମିଳିଛି । ୧୫, ୯୧,୦୦୦ ହିତାଧିକାରୀଙ୍କୁ କେବଳ ଥରଟିଏ, କାଳିଆ ଯୋଜନାରେ କିସ୍ତି ଟଙ୍କା ମିଳିଛି । ଯୋଜନା କାର୍ଯ୍ୟକାରୀ ବେଳେ ୯.୭୬ ଲକ୍ଷ ଅଯୋଗ୍ୟ ହିତାଧିକାରୀ ମିଳିଥିଲେ । ପରେ ବାହାନ, ଏସଇସିସି, ଅ ।ଇ ଏ ଫ ଏ ମ ଏ ସ , ଏଚଆରଏମଏସ୍ ଡାଟାବେସ୍ ବିଶ୍ଳେଷଣ ବେଳେ ୨.୯୬ ଲକ୍ଷ ଅଯୋଗ୍ୟ ହିତାଧାକାରୀ ଚିହ୍ନଟ ହୋଇଥିଲେ । ୧୨.୭୨ଲକ୍ଷ ଅଯୋଗ୍ୟ ହିତାଧିକାରୀ କାଳିଆ ଯୋଜନାରେ ପ୍ରାୟ ୭୮୨.୨୬କୋଟି ଟଙ୍କା ନେଇଛନ୍ତି । ସେହିପରି ତାଲିମ ନଦେଇ ୧୪.୦୪ଲକ୍ଷ ଭୂମିହୀନ କୃଷି ଶ୍ରମିକଙ୍କୁ ୩ଟି କିସ୍ତିରେ ଟଙ୍କା ଦିଆଯାଇଥିବାରୁ ଏହି ଯୋଜନା ଲକ୍ଷ୍ୟସାଧନରେ ସଫଳ ହୋଇପାରି ନ ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । କାଳିଆ ଯୋଜନା ୱେବ୍ ପୋର୍ଟାଲ ତିଆରି ଦାୟିତ୍ୱ ନେଇ ସିଏସଏମ ଟେକ୍ନୋଲୋଜି ପ୍ରା. ଲି଼କୁ ବିଭାଗ ପକ୍ଷରୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇଛି । ଏଥିଯୋଗୁଁ ସରକାରଙ୍କ ଏକକୋଟି ଟଙ୍କା କ୍ଷତି ଘଟିଛି ।

ଜାଲ୍ ପ୍ରମାଣପତ୍ରରେ ଛାତ୍ର ବୃତ୍ତି ଆତ୍ମସାତ କରାଯାଇଥିବା ସିଏଜି ରିପୋର୍ଟରୁ ସ୍ପଷ୍ଟ ହୋଇଛି । ୯୭ ଲକ୍ଷ ଟଙ୍କାର ବୃତ୍ତି ଟଙ୍କା ଆତ୍ମସାତ କରାଯାଇଥିବା ଦର୍ଶାଯାଇଛି । ଜାଲ୍ ପ୍ରମାଣ ପତ୍ରରେ ଏସସି/ଏସ୍‌ଟି ପିଲାଙ୍କ ପାଇଁ ଉଦ୍ଦିଷ୍ଟ ବୃତ୍ତି ଟଙ୍କା ଆତ୍ମସାତ କରାଯାଇଛି । ଜିଲା କଲ୍ୟାଣ ଅଧିକାରୀ ଯାଞ୍ଚ ନକରିବାରୁ ୯୭.୩୨ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି । ନକଲି ଆୟ ପ୍ରମାଣପତ୍ର ଦେଖାଇ ୪୮ଜଣ ପିଲା ବୃତ୍ତି ଟଙ୍କା ନେଇଥିବା ଜଣାପଡିଛି । ଅନୁବନ୍ଧିତ ହୋଇନଥିବା ଏକାଧିକ ଶିକ୍ଷାନୁଷ୍ଠାନ ବି ବୃତ୍ତି ଟଙ୍କା ହାତେଇଛନ୍ତି । ୩୮ଟି ଶିକ୍ଷାନୁଷ୍ଠାନର ୫୬୬୦ ପିଲାଙ୍କୁ ବେଆଇନ ଭାବେ ୧୮ କୋଟି ଟଙ୍କା ଦିଆଯାଇଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି । ସମବାୟ ବିଭାଗର ଭ୍ରାମ୍ୟମାଣ ଏଟିଏମ୍‌ରେ ଦୁର୍ନୀତି ହୋଇଥିବା ଜଣାପଡିଛି । ଏଟିଏମଗୁଡିକ କାର୍ଯ୍ୟକ୍ଷମ ହୋଇ ନ ପାରିବାରୁ ୮ କୋଟି ଟଙ୍କା ପାଣିରେ ପଡିଛି । ୨୦୧୬ରୁ ୨୦୨୦ ମଧରେ ସମବାୟ ବିଭାଗ ୨୦ଟି ଭ୍ରାମ୍ୟମାଣ ଏଟିଏମ୍ କ୍ରୟ କରିଥିଲା । ଏଥିପାଇଁ ୨୦ କୋଟି ୬୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା । ଇଣ୍ଟରନେଟ୍ ସମସ୍ୟା ଓ କର୍ମଚାରୀ ନିଯୁକ୍ତି ଅଭାବରୁ ଏଟିଏମ୍ ସବୁ ସଠିକଭାବେ କାର୍ଯ୍ୟକ୍ଷମ ହୋଇପାରିନଥିଲା । ଏଟିଏମ୍ ଗୁଡିକ କାର୍ଯ୍ୟରେ ନ ଲାଗିବାରୁ ୮ କୋଟି ୬୯ ଲକ୍ଷ ଟଙ୍କା ବିଭାଗର କ୍ଷତି ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି ।

ରାଜସ୍ୱ ବିଭାଗ ନୀତି ଅନୁସାରେ ସ୍କୁଲ, କଲେଜ ପାଇଁ ରିହାତି ମୂଲ୍ୟରେ ଜମି ମନା ଥିବାବେଳେ ଏକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ପୁରୀ ଜିଲ୍ଲାପାଳ ୫ଏକର ଜମି ଲିଜ୍ ଦେଇଥିଲେ । ପୁରୀ ଜିଲାପାଳଙ୍କ ବେଆଇନ କାର୍ଯ୍ୟ ପାଇଁ ସରକାରଙ୍କ ୮.୪୭ କୋଟି ଟଙ୍କା ରାଜସ୍ୱ କ୍ଷତି ଘଟିଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ସୁନ୍ଦରଗଡ ଜିଲ୍ଲାରେ ପରିବେଶ ନିୟମ ଠିକ୍ ଭାବେ ପାଳନ ହୋଇ ନ ଥିବାରୁ ବାୟୁ ନଦୀଜଳ ପ୍ରଦୂଷଣ ବଢିବା ସହିତ ଅନେକ ଲୋକ କିଡନୀ ରୋଗରେ ଆକ୍ରାନ୍ତ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି । ପ୍ରଦୂଷିତ ବାୟୁ ଯୋଗୁଁ ଜିଲ୍ଲାର ୨୪୪୦ଜଣ ଯକ୍ଷ୍ମା ଓ ଛାତି ରୋଗରେ ଆକ୍ରାନ୍ତ ହୋଇଛନ୍ତି । ସେହିପରି ଜିଲାରେ ଥିବା ଡାଲମିଆଁ ସିମେଣ୍ଟ କାରଖାନାର କନଭେୟର ବେଲ୍ଟ ନିର୍ମାଣ ସମୟରେ ପ୍ରଦୂଷଣ ନିୟମ ପାଳନ ହୋଇ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇଛି । ୨୦୧୬ରୁ ୨୦୨୧ ମସିହା ପର୍ଯ୍ୟନ୍ତ ଜିଲାର ୨ଟି ଖଣି କମ୍ପାନୀ ବାୟୁ ପ୍ରଦୂଷଣ ନିୟମ ପାଳନ କରି ଉତ୍ତୋଳନ ନ କରିବାରୁ ପ୍ରଦୂଷଣ ବୃଦ୍ଧି ପାଇଥିଲା । ରାଉରକେଲା ମହାନଗର ନିଗମ ସହରରୁ ବାହାରୁ ଥିବା ପ୍ରଦୂଷିତ ଜଳ ବିଶୋଧନ ପାଇଁ ଟ୍ରିଟ୍‌ମେଣ୍ଟ ପାଣ୍ଟ ସ୍ଥାପନ ନ କରିବାରୁ ବ୍ରାହ୍ମଣୀ ଓ କୋଏଲ ନଦୀ ଜଳ ପ୍ରଦୂଷଣ ମାତ୍ର ଅଧିକ ହୋଇଥିବା ରିପୋର୍ଟରେ କୁହାଯାଇଛି । କାମ୍ପା ଯୋଜନାରେ ମଧ ବ୍ୟାପକ ଅନିୟମିତତା ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । କେନ୍ଦ୍ର ସରକାର କାମ୍ପା ଯୋଜନା ନେଇ ବିଜ୍ଞପ୍ତି ପ୍ରକାଶ କରିବାର ପ୍ରାୟ ୯ବର୍ଷ ପରେ ରାଜ୍ୟ ସରକାର କାମ୍ପା ଗଠନ କରିଥିଲେ । କେନ୍ଦ୍ର ସରକାର ଏହି ଯୋଜନାରେ ୨୦୧୯ ରୁ ୨୦୨୨ ମଧରେ ୨,୨୮୪,୯୮କୋଟି ଟଙ୍କା ଦେଇଥିବା ବେଳେ ରାଜ୍ୟ ସରକାର ୨୦୭୪.୪୪କୋଟି ଟଙ୍କା ଖର୍ଚ୍ଚ କରିବାରେ ସକ୍ଷମ ହୋଇଥିଲେ । ଜଙ୍ଗଲରେ ନିଆଁ ଲାଗିବା ୨୦୮ପ୍ରତିଶତ ବୃଦ୍ଧି ପାଇବା ଯୋଗୁଁ ୨୦୧୦ ତୁଳନାରେ ୨୦୨୧ରେ ୩୦୦ ପ୍ରତିଶତ ଜଙ୍ଗଲ ନଷ୍ଟ ହୋଇଥିଲା । କାମ୍ପା ଯୋଜନାରେ ୫୬,୮୨କୋଟି ଟଙ୍କା ବେଆଇନ ଭାବେ ଖର୍ଚ୍ଚ କରାଯାଇଛି । ଏଥିସହିତ ଏହି ଯୋଜନାରେ କେନ୍ଦ୍ର ସରକାର ଦେଇଥିବା ୨୪୮.୦୬କୋଟି ଟଙ୍କାକୁ ରାଜ୍ୟ ସରକାର ଆମ ଜଙ୍ଗଲ ଯୋଜନାକୁ ପରିବର୍ତ୍ତନ କରିଦେଇ ଥିଲେ । ବିପୁଳ ଅର୍ଥ ବରାଦ ସତ୍ତ୍ୱେ ପାଟ୍ରୋଲିଂ ଅଭାବ, ସଠିକଭାବେ ଟ୍ରାପ କ୍ୟାମେରା ଲଗାଯିବା ସହିତ ଅନ୍ୟ ପ୍ରତିଶେଧାତ୍ମକ ବ୍ୟବସ୍ଥା ଗ୍ରହଣ କରା ନ ଯିବାରୁ ଆଠଗଡ ଓ ଢେଙ୍କାନାଳ ବନଖଣ୍ଡରେ ୫୧ଟି ହାତୀଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ବିଜୁ ଏକ୍ସପ୍ରେସ ୱେ ନିର୍ମାଣରେ ଅନିୟମିତତା ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି । ଓଡ଼ିଶା ଉତ୍ତର-ଦକ୍ଷିଣ କରିଡର ନିର୍ମାଣ ପାଇଁ ବିଜୁ ଏକ୍ସପ୍ରେସ ୱେ କାମଆରମ୍ଭ ହୋଇଥିଲା । ଏହି ଯୋଜନାରେ ୪ଟିକିଆ ରାସ୍ତା ନିର୍ମାଣ ଆଶାନୁରୂପ ହୋଇ ପାରି ନଥିଲା । ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା କନସଲଟାଣ୍ଟ ସଂସ୍ଥାର ପରାମର୍ଶକୁ ସରକାର ଗ୍ରହଣ କରିନଥିଲେ । ଉପଯୁକ୍ତ ଯୋଜନା ଅଭାବରୁ ଯୋଜନାର ବ୍ୟୟ ବରାଦ ୨୩୮,୩୬କୋଟି ଟଙ୍କା ବୃଦ୍ଧି ପାଇଥିଲା । ଜମି ଅଧିଗ୍ରହଣ, ଥଇଥାନ, ସ୍ଥାନାନ୍ତର ବାବଦରେ ବ୍ୟୟବରାଦ ୮୮୨୨କୋଟିରୁ ୧୯୮,୪୪କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ଆଞ୍ଚଳିକ ପରିବହନ ଅଧିକାରୀଙ୍କ ବିଫଳତା ଯୋଗୁଁ ୪.୬୪କୋଟି ଟଙ୍କା ମୋଟରଯାନ ଟିକସ ଏବଂ ୯.୨୮କୋଟି ଟଙ୍କା ଜୋରିମାନା ଗାଡି ମାଲିକଙ୍କଠାରୁ ଆଦାୟ ହୋଇପାରିନାହିଁ । ନୂଆ ମୋଟର ଟିକସ ଆଇନ ଠିକ ସମୟରେ ଲାଗୁ କରା ନ ଯିବାରୁ ୧.୧୬କୋଟି ଟିକସ ଏବଂ ୨୩୨୬ଲକ୍ଷ ଟଙ୍କା ଜୋରିମାନା ୪,୩୭୩ ଗାଡିଠାରୁ ଆଦାୟ ହୋଇପାରି ନ ଥିଲା । ରକ୍ତ ଚନ୍ଦନ କାଠ ବିକ୍ରୀ ହୋଇ ନ ପାରିବାରୁ ସରକାରଙ୍କ ୩୪୯.୭୦କୋଟି ଟଙ୍କା ପଡିରହିଛି । କାର୍ଯ୍ୟକ୍ଷମ ହେଉ ନ ଥିବା ଖଣି ସଂସ୍ଥାଠାରୁ ଲେଭି ଓ ସୁଧ ଆଦାୟ କରିବାରେ ବିଭାଗର ବିଫଳତା ଯୋଗୁଁ ସରକାରଙ୍କ ୨.୦୬କୋଟି ଟଙ୍କା ରାଜସ୍ୱ କ୍ଷତି ଘଟିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । କୋଇଲା ବିକ୍ରି କରିବାରେ ସଠିକ ରୟାଲଟି ଆକଳନ କରାନଯିବାରୁ ସରକାରଙ୍କ ୧୯,୮୮କୋଟି ଟଙ୍କା କ୍ଷତି ହୋଇଛି । ଠିକା ସଂସ୍ଥାକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇ ୧୧.୨୯କୋଟି ଟଙ୍କା ଦିଅଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ପାଉଁଶରେ ପୋତି ହେଉଛି ସୁନ୍ଦରଗଡ଼

ସୁନ୍ଦରଗଡ଼ : ଝାରସୁଗୁଡା ଜିଲ୍ଲାର ବିଭିନ୍ନ କାରଖାନାରୁ ନିର୍ଗତ ବର୍ଜ୍ୟ ପାଉଁଶ ଗୁଣ୍ଡରେ ସୁନ୍ଦରଗଡ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ଚାଷ ଜମିଗୁଡିକ ପୋତି ହେବାକୁ ବସିଲାଣି । ଜିଲ୍ଲାର ସଦର ବ୍ଲକ ଅଞ୍ଚଳର ଚାଷ ଜମିଗୁଡିରେ ପାଉଁଶର ପାହାଡ ଦେଖିବାକୁ ମିଳୁଛି । ଝାରସୁଗୁଡା ଜିଲ୍ଲା ସୀମାକୁ ଲାଗିଥିବା ସୁନ୍ଦରଗଡ ସଦର ବ୍ଲକର ଭଶ୍ମା, କୁଣ୍ଡୁକେଲା, ବିରବିରା, କିଞ୍ଜିରିମା, ଟାଙ୍ଗରପାଲି ବ୍ଲକର ଅବନକେଲା, ଗୁଲଠା ଆଦି ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଏହି ବେଆଇନ ପାଉଁଶ ଗଦା ଯୋଗୁଁ ଏବେ ଶହଶହ ଏକର ଚାଷଜମି ନଷ୍ଟ ହେବାସହ ଏହି ଅଞ୍ଚଳ ଦେଇ ପ୍ରବାହିତ ଇବ, ସଫେଇ ନଦୀ ସମେତ ଅନ୍ୟାନ୍ୟ ଜଳ ଉତ୍ସ ଗୁଡ଼ିକର ଜଳ ମଧ ପ୍ରଦୂଷିତ ହେଲାଣି । ସୁନ୍ଦରଗଡ ସଦର ବ୍ଲକ ବିରବିରା ପଞ୍ଚାୟତର ତଳସରା ଦେଇ ପ୍ରବାହିତ ସଫେଇ ନଦୀ ହିଡରେ ପାଉଁଶ ଗଦା ହେଉଥିବାରୁ ସେହି ଅଞ୍ଚଳରେ ଥିବା ଚାଷଜମି ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି । ଏନେଇ କ୍ଷତିଗ୍ରସ୍ତ ଚାଷୀ ଜିଲ୍ଲାପାଳ ଓ ଧରୁଆଡିହି ଥାନାରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି । ଚାଷୀଙ୍କ ଅଭିଯୋଗ ଅନୁସାରେ, ତଳସରା ଘଣ୍ଟେଶ୍ୱରୀ ପାଣି ପଞ୍ଚାୟତ ଅଧୀନରେ ଏକ ଉଠା ଜଳସେଚନ ପ୍ରକଳ୍ପ ଗତ ୨୦୨୧ରୁ କାର୍ଯ୍ୟକରୁଛି । ୨୦୨୨ରୁ ଚାଷୀମାନେ ଏହି ପ୍ରକଳ୍ପ, ଉପରେ ନିର୍ଭର କରି ଖରିଫ ଓ ରବି ଫସଲ ଚାଷ କରିଆସୁଛନ୍ତି । ୨୦୨୪ ମାର୍ଚ୍ଚ ମାସରେ ସୋରିଷ, ଆଳୁ ଓ ପନିପରିବା ଚାଷ କରିଥିଲେ । ଜୁନରେ କେତେକ ଲୋକ ନିଜକୁ ଝାରସୁଗୁଡାର ଏକ କମ୍ପାନୀରେ କାମ କରୁଥିବା କହିଥିଲେ । ଚାଷୀଙ୍କୁ ତାଙ୍କର ଖାଲଜମିକୁ ସମତୁଲ କରିଦେବା ଓ ଏହାଦ୍ୱାରା ଚାଷ ଉପଯୋଗୀ ହେବ କହି କାରଖାନାରୁ ନିର୍ଗତ ବର୍ଜ୍ୟ ପାଉଁଶ ଆଣି ପକାଇଥିଲେ । ଏହି ପାଉଁଶ ତଳସରା ଗ୍ରାମ ଦେଇ ଯାଇଥିବା ସଫେଇ ନଦୀ ହୁଡାରେ ଗଦା କରିବା ଯୋଗୁଁ ସେଠାରେ ଥିବା ଉଠାଜଳସେଚନ ପ୍ରକଳ୍ପ ପୋତି ହୋଇପଡିଛି । ଚାଷୀମାନେ ପାଉଁଶ ନ ପକାଇବାକୁ କହିବା ସତ୍ତ୍ୱେ ସେଠାରେ ପାଉଁଶ ପାହାଡ ଭଳି ଗଦା ହେଉଛି । ଏହି ପାଉଁଶ ତଳମୁଣ୍ଡରେ ଥିବା ଅନ୍ୟ ଚାଷ ଜମିକୁ ମାଡି ଯାଇ ବର୍ତ୍ତମାନ କରାଯାଇଥିବା ଖରିଫ ଧାନ ଫସଲ ମଧ ନଷ୍ଟ ହେଉଛି । ଗ୍ରାମବାସୀ ସ୍ଥାନୀୟ ପୋଲିସ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କଲେ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ଦିଗରେ ପ୍ରଶାସନ ଯଦି କୌଣସି ପଦକ୍ଷେପ ଗ୍ରହଣ ନ କରେ ତେବେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି ।

## ବରଗଡ଼ ରେଳ ଉପଭୋକ୍ତା ସଂଘ ପକ୍ଷରୁ ଏମ୍.ପି.ଙ୍କୁ ସମ୍ବର୍ଦ୍ଧନା

ବରଗଡ଼ : ବରଗଡ଼-ନୂଆପଡ଼ା ନୂତନ ରେଳପଥକୁ କେନ୍ଦ୍ର କ୍ୟାବିନେଟ୍ ସବୁଜ ସଙ୍କେତ ଦେଇଥିବାରୁ ବରଗଡ଼ ରେଳ ଉପଭୋକ୍ତା ସଂଘ ପକ୍ଷରୁ ସାଂସଦ ପ୍ରଦୀପ କୁମାର ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଓ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ସାଂସଦ ଶ୍ରୀ ପୁରୋହିତ ବହୁ ପ୍ରତୀକ୍ଷିତ ପ୍ରକଳ୍ପକୁ କ୍ୟାବିନେଟ୍ କମିଟିରେ ଅନୁମୋଦନ କରାଇବାକୁ କିପରି ରେଳମନ୍ତ୍ରୀଙ୍କ ସହିତ ବାରମ୍ବାର ସାକ୍ଷାତ କରି ସଫଳତା ପାଇଛନ୍ତି, ସେ ସମ୍ପର୍କରେ କହିଥିଲେ । ବରଗଡ଼ବାସୀଙ୍କ ଦୁଇ ମୁଖ୍ୟ ଦାବି ହେଲା ଭୁବନେଶ୍ୱରକୁ ସକାଳୁଆ ଟ୍ରେନ ଏବଂ ଦିଲ୍ଲୀ ତଥା ପ୍ରୟାଗରାଜ ପାଇଁ ଏହି ରୁଟରେ ସିଧାସଳଖ ଟ୍ରେନର ସୁବିଧା ଯୋଗାଇ ଦେବା । ଏନେଇ ସେ ପୂର୍ଣ୍ଣପ୍ରାଣରେ ଉଦ୍ୟମ କରିବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମରେ ସଭାପତି ପ୍ରଦୀପ ଦେବତା, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପସଭାପତି ପ୍ରୀତମ ସିଂହ ଓ ଇନ୍ଦିରା ମହାନ୍ତି, ସମ୍ପାଦକ କମଳ ଯୋଶୀ, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପୂଜାରୀ, କୋଷାଧକ୍ଷ ଗୋପାଳ ଚନ୍ଦ୍ର ଦାଶ ତଥା ବରିଷ୍ଠ ସଦସ୍ୟ ଅଚ୍ୟୁତାନନ୍ଦ ବାରିକ, ମଳୟ ମହାନ୍ତି, ଅଭୟ ଭୋଇ, ସତ୍ୟ ନାରାୟଣ ପଣ୍ଡା, ତୁଳସୀ ଦାଶ, ଅନିଲ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ ।

## ଅବସରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧିତ



ସମ୍ବଲପୁର : ସ୍ଥାନୀୟ ମ୍ୟୁନିସିପାଲ ହାଇସ୍କୁଲର ପୁରାତନ ଛାତ୍ର ସଂଘ ପକ୍ଷରୁ ଗୁରୁଦିବସ ଅବସରରେ ଅବସରପ୍ରାପ୍ତ ଶିକ୍ଷକ ନବ କିଶୋର ନନ୍ଦ ଏବଂ ସୁରେନ୍ଦ୍ର ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର ସଭାପତି ଡାକ୍ତର ଲକ୍ଷ୍ମୀନାରାୟଣ ରଥଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡକ୍ଟର ଶ୍ୟାମ ସୁନ୍ଦର ଧର, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଅଶୋକ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଫଟୋ ଫିଲିକ୍ସର ଶୋକସଭା



ସମ୍ବଲପୁର : ଫଟୋ ଫିଲିକ୍ସର ପ୍ରତିଷ୍ଠାତା ସଦସ୍ୟ କୋଲକାତାର ଫଟୋଗ୍ରାଫର ଶାନ୍ତିରାମ ମଣ୍ଡଳଙ୍କ ଗତ ୫ ତାରିଖ ଦିନ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ଫଟୋ ଫିଲିକ୍ସର ସମ୍ବଲପୁର ଶାଖା ପକ୍ଷରୁ ଏକ ଶୋକସଭା ଆୟୋଜନ କରାଯାଇ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା ।

# ରାମାୟଣ କଥା : କାର୍ତ୍ତିକେୟ ଜନ୍ମ ଓ ଗଙ୍ଗାଙ୍କ ଉତ୍ପତ୍ତି ଇତିହାସ



ଡ଼ଃ ପ୍ରମୋଦ କୁମାର ପଣ୍ଡା

**ତା**ଡକାଦି ସମସ୍ତ ରାକ୍ଷସ ବଧ ଅନ୍ତେ ରାମଚନ୍ଦ୍ର ଓ ଲକ୍ଷ୍ମଣ ଯଜ୍ଞସ୍ଥଳରେ ରାତ୍ରିଯାପନ କଲେ । ପରଦିନ ପ୍ରାତଃକାଳରେ ମହର୍ଷି ବିଶ୍ୱାମିତ୍ରଙ୍କୁ ସଶ୍ରଦ୍ଧ ପ୍ରଣିପାତ ପୂର୍ବକ ପରବର୍ତ୍ତୀ ଆଜ୍ଞା ଅପେକ୍ଷାରେ ରହିଲେ । ମହର୍ଷି ବିଶ୍ୱାମିତ୍ର ହର୍ଷିତ ହୃଦୟରେ ଆଶୀର୍ବାଦ ପ୍ରଦାନ କଲେ । ଯେଉଁ ଅଭିପ୍ରାୟରେ ରାମଚନ୍ଦ୍ର ଏବଂ ଲକ୍ଷ୍ମଣଙ୍କୁ ସେ ତାଙ୍କ ସହିତ ଆଣିଥିଲେ ତାହା ଫଳବତୀ ହେଲା ବୋଲି ସନ୍ତୋଷାନ୍ଵିତ ହେଲେ । ତାଙ୍କର ଯଜ୍ଞ ନିର୍ବିଘ୍ନରେ ସମାପନ ହୋଇଥିବାରୁ ପରମ ପିତା ପରମେଶ୍ୱରଙ୍କୁ କୃତଜ୍ଞତା ଜଣାଇଲେ ।

ମିଥିଳା ନରେଶ ଜନକଙ୍କ ଦ୍ୱାରା ଆୟୋଜିତ ହେବାକୁ ଥିବା ପରମ ଧର୍ମମୟୀ ଯଜ୍ଞରେ ତାଙ୍କ ସହିତ ଯିବାକୁ ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କୁ ଆଦେଶ ଦେଲେ । ଦୁଇ ଭାଇ ତାଙ୍କରି ଆଜ୍ଞା ସ୍ୱୀକାର କଲେ । ମହର୍ଷି କହିଲେ, ରାଜା ଜନକଙ୍କ ପୂର୍ବଜଙ୍କୁ ଦେବ ପ୍ରଦତ୍ତ ଅଦ୍ଭୁତ ଦିବ୍ୟ ଧନୁ ଏବେ ସୁଦ୍ଧା ତାଙ୍କ ପାଖରେ ଅମାନତ ସ୍ୱରୂପ ସମ୍ପୂର୍ଣ୍ଣ ସଂରକ୍ଷିତ ଅଛି । ଦେବତା, ଗନ୍ଧର୍ବ ଏବଂ ଅସୁର ସେହି ଧନୁରେ ପ୍ରତ୍ୟଞ୍ଚା ଚଢାଇବା ପାଇଁ ଅସମର୍ଥ । ମଣିଷ କଥା କିଏ ପଚାରେ ? ଇମିତି ଏକ ଗୌରବମୟୀ ଚମତ୍କାର ଧନୁ ସେମାନେ ଦେଖିବା ଉଚିତ ।

ବିଶ୍ୱାମିତ୍ର, ରାମଚନ୍ଦ୍ର, ଲକ୍ଷ୍ମଣଙ୍କ ଓ ସମସ୍ତ ସିଦ୍ଧାଶ୍ରମ ନିବାସୀ ମିଥିଳାଭିମୁଖେ ଯାତ୍ରାରମ୍ଭ କଲେ । ଆଶ୍ରମାଶ୍ରିତ ସମସ୍ତ ମୃଗ ଓ ପକ୍ଷୀ ତାଙ୍କର ଅନୁସରଣ କଲେ । କିଛି କାଳ ଅନ୍ତେ ମହର୍ଷିଙ୍କ ଦୃଷ୍ଟି ତାଙ୍କ ଉପରେ ପଡିଲା । ସେ ସେମାନଙ୍କୁ ସିଦ୍ଧାଶ୍ରାମ ପ୍ରତ୍ୟାବର୍ତ୍ତନ କରିବାକୁ ଆଦେଶ ଦେଲେ । ତାଙ୍କ ଆଜ୍ଞା ପାଳିତ ହେଲା । ମୃଗ ଏବଂ ପକ୍ଷୀ ସମୂହ ସିଦ୍ଧାଶ୍ରମାଭିମୁଖେ ପ୍ରତ୍ୟାବର୍ତ୍ତନ କଲେ । ଶୋଣଭଦ୍ର ତଟରେ ପହଞ୍ଚୁ ପହଞ୍ଚୁ ସୂର୍ଯ୍ୟ ଅସ୍ତାଚଳ ହେଲେ । ସମସ୍ତେ ସେହି ନଦୀକୂଳରେ ରାତ୍ରିଯାପନ କଲେ ।

ପ୍ରାତଃ ନିତ୍ୟକର୍ମ ସମାପନ କରି ଯାତ୍ରାରମ୍ଭ ହେଲା । ଅପରାହ୍ନରେ ସମସ୍ତେ ଗଙ୍ଗା ନଦୀ କୂଳରେ ପହଁଚିଲେ । ପ୍ରଭୁ ରାମଚନ୍ଦ୍ର ପାପନାଶିନୀ ଦେବୀ ଗଙ୍ଗାଙ୍କ ଉତ୍ପତ୍ତି ବିଷୟରେ ଜିଜ୍ଞାସା ରଖନ୍ତେ ମହର୍ଷି ବିଶ୍ୱାମିତ୍ର କହିଲେ ପର୍ବତରାଜ ହିମବାନର ବିବାହ ମେରୁ ପର୍ବତ ପୁତ୍ରୀ ମୈନା ସହିତ ହୋଇଥିଲା । ମୈନା ଗର୍ଭରୁ ଦୁଇ ରୂପବତୀ କନ୍ୟା ଜାତ ହେଲେ । ଜ୍ୟେଷ୍ଠା ଗଙ୍ଗା ଓ କନିଷ୍ଠା ଉମା । ଦେବଗଣ ଦେବକାର୍ଯ୍ୟ ହେତୁ ହିମବାନଙ୍କୁ ତାଙ୍କର ଜ୍ୟେଷ୍ଠା କନ୍ୟା ଗଙ୍ଗାଙ୍କୁ ମାଗିଲେ । କନିଷ୍ଠା କନ୍ୟା ଘୋର ତପସ୍ୟା ବଳରେ ଭଗବାନ ଶିବଙ୍କ ଅର୍ଦ୍ଧାଙ୍ଗିନୀ ହେଲେ । ଭଗବାନ ଶିବ ନିଜ ପତ୍ନୀଙ୍କ ସହ ଶହେ ଦିବ୍ୟବର୍ଷ କ୍ରୀଡାବିହାର କଲେ ।

ଏହା ଦେଖି ସମସ୍ତ ଦେବତା ଭୟଭୀତ ହେଲେ । ଚିନ୍ତିତ ଦେବଗଣ ଭଗବାନ ଶିବଙ୍କୁ ବିନୀତ ନିବେଦନ କରି କହିଲେ ଏତେ କାଳାନ୍ତେ ତାଙ୍କର ପୁତ୍ରୋତ୍ପତ୍ତି ହେଲେ ତାର ତେଜ ଓ ଓଜ କିଏ ସହ୍ୟ କରିପାରିବ ? ବିହାରରୁ ନିବୃତ୍ତ ହୋଇ ମାତା ଉମାଙ୍କ ସହିତ ତପସ୍ୟାରତ ହେବାକୁ ଦେବଗଣ ତାଙ୍କୁ ପ୍ରାର୍ଥନା କଲେ । ଦେବତାଙ୍କ ପ୍ରାର୍ଥନା ମହାଦେବ ସ୍ୱୀକାର କଲେ । କିନ୍ତୁ ମୋର ଶୁଦ୍ଧ ତେଜ ଯଦି ତା ସ୍ଥାନରୁ ସ୍ଖଳିତ ହୁଏ ତାକୁ କିଏ ଧାରଣ କରିବ ? ଦେବଗଣ କହିଲେ ଯଦି ଏପରି ହୁଏ ତାହେଲେ ତାକୁ ପୃଥିବୀ ଧାରଣ କରିନେବେ । ଏହା ଶୁଣି ଭଗବାନ ଶିବ ତାଙ୍କ ଶୁଦ୍ଧ ତେଜ ପୃଥିବୀ ପୃଷ୍ଠରେ ଛାଡିଦେଲେ । ଦେବଗଣ ସୂର୍ଯ୍ୟଦେବଙ୍କୁ ବାୟୁଦେବଙ୍କ ସହାୟତାରେ ଶିବଙ୍କ ତେଜ ସୁରକ୍ଷିତ ରଖିବାକୁ ନିବେଦନ କଲେ । ସେଇୟା ହେଲା । ସୂର୍ଯ୍ୟଦେବ ଶିବ ଶକ୍ତି ନିଜ ପାଖରେ ସୁରକ୍ଷିତ ରଖିଲେ । ପରନ୍ତୁ ଶିବଙ୍କ ଶୁଦ୍ଧ ତେଜର ସ୍ପର୍ଶରେ ପୃଥିବୀର ସେହି ସ୍ଥାନରେ ଏକ ଦିବ୍ୟ ସାରକଣ୍ଡ ବଣ ସୃଷ୍ଟି ହେଲା । ପରେ ସେହି ବଣରେ ମହାଦେବୀ ଗଙ୍ଗାଙ୍କ ଦ୍ୱାରା ମହା ତେଜସ୍ୱୀ କାର୍ତ୍ତିକେୟଙ୍କ ଜନ୍ମ ହେଲା । କାର୍ତ୍ତିକେୟଙ୍କ ଜନ୍ମରେ ସମସ୍ତ ଦେବତା ଭଗବାନ ଶିବ ଏବଂ ଦେବୀ ଉମାଙ୍କ ଭକ୍ତିପୂଜନ କଲେ । ସ୍ୱାମୀଙ୍କ ସହିତ ତାଙ୍କ ସଙ୍ଗମ ଇଚ୍ଛାକୁ ଦେବଗଣ ବାରଣ କରି ଶିବଙ୍କୁ ତପସ୍ୟାରତ ହେବାକୁ ପ୍ରବର୍ତ୍ତାଇଥିବାରୁ ଦେବୀ ଉମା କ୍ରୋଧିତ ଥିଲେ । ସେ ସମସ୍ତ ଦେବତାଙ୍କୁ ନିଜ ନିଜ ପତ୍ନୀଙ୍କ ଠାରୁ ସନ୍ତାନ ଜନ୍ମ କରିବାରେ ଅକ୍ଷମ ଏବଂ ତାଙ୍କର ସମସ୍ତ ପତ୍ନୀ ସନ୍ତାନହୀନ ରହିବେ ବୋଲି ଅଭିଶାପ ଦେଲେ । ପୃଥିବୀକୁ ମଧ ଅଭିଶାପ ଦେଇ କହିଲେ ଆଜିଠୁ ତୋର ଗୋଟିଏ ରୂପ ରହିବ ନାହିଁ । ତୁ ଅନେକଙ୍କ ଭାର୍ଯ୍ୟା ହେବୁ କିନ୍ତୁ ପୁତ୍ରସୁଖ କେବେ ବି ଅନୁଭବ କରିପାରିବୁ ନାହିଁ ।

କିଛିକାଳାନ୍ତେ ଅସୁର ପ୍ରପୀଡ଼ିତ ଦେବଗଣ ପରମପିତା ବ୍ରହ୍ମାଙ୍କ ନିକଟରେ ବିଦ୍ୟମାନ ହେଲେ । ତାଙ୍କ ସେନାପତି ଭଗବାବ ଶିବ ଦେବୀ ଉମାଙ୍କ ସହିତ ତପସ୍ୟାରତ ଥିବାରୁ ବିକଳ୍ପ ସ୍ୱରୂପ ଜଣେ ସମକକ୍ଷ ସେନାପତିର ବ୍ୟବସ୍ଥା କରିବାକୁ ଆଗ୍ରହ ପ୍ରକାଶ କଲେ । ବ୍ରହ୍ମଦେବ କହିଲେ ଉମାଙ୍କ ଅଭିଶାପରୁ ତୁମେ ପୁତ୍ର ଜନ୍ମ କରିବାକୁ ଅକ୍ଷମ । ସୂର୍ଯ୍ୟଦେବଙ୍କ ପାଖରେ ସୁରକ୍ଷିତ ଥିବା ଭଗବାନ ଶିବଙ୍କ ଶୁଦ୍ଧ ତେଜ ଉମାଙ୍କ ବଡଭଉଣୀ ଗଙ୍ଗାଙ୍କ ଗର୍ଭରେ ସ୍ଥାପିତ କର । ବ୍ରହ୍ମାଙ୍କ ଉପଦେଶାନୁସାରେ ସମସ୍ତ ଦେବତା ଦେବୀ ଗଙ୍ଗାଙ୍କୁ ଶିବଙ୍କ ଦିବ୍ୟ ତେଜ ନିଜ ଗର୍ଭରେ ଧାରଣ କରିବାକୁ ଅନୁରୋଧ କଲେ । ଏହା ଶୁଣି ଦେବୀ ଗଙ୍ଗା ତାଙ୍କର ଦିବ୍ୟ ରୂପରେ ପ୍ରକଟ ହୋଇ ଶିବଙ୍କ ଶୁଦ୍ଧ ତେଜ ନିଜ ଗର୍ଭରେ ଧାରଣ କରନ୍ତେ ଚେତାଶୁନ୍ୟ ହେବାକୁ ଲାଗିଲେ । ଦେବୀଙ୍କ ଏତାଦୃଶାବସ୍ଥା ଦେଖି ଦେବଗଣ ତାଙ୍କୁ ତାଙ୍କ ଗର୍ଭ ହିମାଳୟ ପର୍ବତରେ ସ୍ଥାପନ କରିବାକୁ କହିଲେ । ତଦନୁଯାୟୀ ଦେବୀ ଗଙ୍ଗା ନିଜ ଗର୍ଭରୁ ତେଜ ବାହାର କରି ଅଜାଣତରେ ହିମାଳୟର ସେହି ସ୍ଥାନରେ ସ୍ଥାପିତ କଲେ ଯେଉଁ ସ୍ଥାନରେ ପୂର୍ବରୁ ଶିବଙ୍କ ତେଜ ସ୍ପର୍ଶରୁ ସାରକଣ୍ଡ ବଣ ସୃଷ୍ଟି ହୋଇଥିଲା । ସେହି ବଣରେ ଦେବୀ ଗଙ୍ଗାଙ୍କ ଗର୍ଭରୁ ଛଅ ମୁଖ ବିଶିଷ୍ଟ ଏକ ଶିଶୁପୁତ୍ରର ଜନ୍ମ ହେଲା । ଦେବଗଣ ଛଅ କୃତ୍ତିକାଙ୍କୁ ନବଜାତ ଶିଶୁପୁତ୍ରକୁ ସ୍ତନ୍ୟପାନାର୍ଥେ ଅନୁରୋଧ କଲେ । ସମସ୍ତ କୃତ୍ତିକା ଏଥିରେ ସମ୍ମତ ହେଲେ । କିନ୍ତୁ ଶିଶୁପୁତ୍ରଟି ତାଙ୍କର ପୁତ୍ର ଭାବେ ବିଦିତ ହେବ ବୋଲି ସର୍ତ୍ତ ରଖିଲେ । ଦେବଗଣ ତାହା ସ୍ୱୀକାର କଲେ । ଛଅ କୃତ୍ତିକା କ୍ଷୀର ପାନ କରାଇଲେ । କୃତ୍ତିକାଙ୍କ ନାମାନୁଯାୟୀ ଶିଶୁପୁତ୍ରର ନାମ କାର୍ତ୍ତିକେୟ ହେଲା । ମହାବାହୁ କାର୍ତ୍ତିକେୟ ସମୟ ପୂର୍ବରୁ ଦେବୀ ଗଙ୍ଗାଙ୍କ ଗର୍ଭରୁ ସ୍କନ୍ଦିତ ହୋଇଥିବାରୁ ଦେବଗଣ ତାକୁ ସ୍କନ୍ଦ ନାମରେ ସମ୍ବୋଧନ କଲେ । କାର୍ତ୍ତିକେୟ ଗୋଟିଏ ଦିନ କ୍ଷୀରପାନାନ୍ତେ ଯୁବାବସ୍ଥାକୁ ପ୍ରାପ୍ତ ହେଲେ । ଦେବତାମାନେ ତାଙ୍କୁ ଦେବ ସେନାପତି ରୁପେ ଗ୍ରହଣ କଲେ । ପରାକ୍ରମୀ ଦେବ ସେନାପତି କାର୍ତ୍ତିକେୟ ଯୁଦ୍ଧରେ ଅସୁରଙ୍କୁ ପରାସ୍ତ କରି ବିଜୟ ପ୍ରାପ୍ତ ହେଲେ । ଏହା ଦେବୀ କାର୍ତ୍ତିକେୟ ଜନ୍ମ ଓ ଗଙ୍ଗାଙ୍କ ଉତ୍ପତ୍ତିର ଏକ ମହତ୍ୱପୂର୍ଣ୍ଣ ଦିଗ ।

ମହର୍ଷି ବିଶ୍ୱାମିତ୍ର ଦେବୀ ଗଙ୍ଗାଙ୍କ ଉତ୍ପତ୍ତିର ଭିନ୍ନ ଏକ ଦିଗ ବର୍ଣ୍ଣନ କରିବାରେ ଲାଗିଲେ । ପୂର୍ବକାଳରେ ଅଯୋଧାରେ ଶଗର ନାମକ ଏକ ଧର୍ମାତ୍ମା ରାଜା ରାଜ୍ୟ ଶାସନ କରୁଥିଲେ । ସେ ନିଜର ପତ୍ନୀ କେଶନୀ ଓ ସୁମତିଙ୍କ ସହ ପୁତ୍ରପ୍ରାପ୍ତି ପାଇଁ ହିମାଳୟରେ ଉଗ୍ର ତପସ୍ୟା କଲେ । ତପସ୍ୟା ପ୍ରଭାବରେ କେଶନୀ ଗୋଟିଏ ଓ ସୁମତି ଷାଠିଏ ହଜାର ପୁତ୍ରର ଜନନୀ ହେଲେ । କେଶନୀର ପୁତ୍ର ଯୁବା ହେବାପରେ ଅତ୍ୟନ୍ତ ଦୁରାଚାରୀ ହେଲା । ନଗରର ଛୋଟଛୋଟ ଶିଶୁଙ୍କୁ ସରଜୁ ନଦୀରେ ଅତି ଦାରୁଣ ଭାବେ ଫିଙ୍ଗି ତାଙ୍କ ବୁଡିବା ଦୃଶ୍ୟ ଦେଖି ଆନନ୍ଦିତ ହେଉଥାଏ । ଅସମଞ୍ଜସର ଏତାଦୃଶ କାର୍ଯ୍ୟକଳାପରେ ଅଯୋଧାର ଜନତା ତ୍ରସ୍ତ ଥିଲେ । ଦିନେ ସମସ୍ତ ନଗରବାସୀ ରାଜା ଶଗରଙ୍କୁ ନିଜ ଦୁଃଖ ଜଣାଇ କହିଲେ ଅଯୋଧାରେ ଅସମଞ୍ଜସ ରହିବ ନହେଲେ ଅଯୋଧାର ଜନତା ଜନାର୍ଦ୍ଦନଙ୍କ ଦୁଃଖରେ ଦୁଃଖିତ ରାଜା ଶଗର ପାପୀ ଅସମଞ୍ଜସକୁ ବିତାଡିତ କଲେ । ତାର ସମସ୍ତ ଅଧିକାର ନିଜର ପୌତ୍ର ଅଂଶୁମାନକୁ ଦେଲେ । କିଛିକାଳ ପଶ୍ଚାତ ରାଜା ଶଗର ବିନ୍ଧ୍ୟାଞ୍ଚଳ ପର୍ବତରେ ଅଶ୍ୱମେଧ ଯଜ୍ଞ କରିବାର ନିଶ୍ଚିତ କଲେ । ଯଜ୍ଞ ଅଶ୍ୱର ସୁରକ୍ଷା ଦାୟିତ୍ୱ ପୌତ୍ର ଅଂଶୁମାନକୁ ଅର୍ପଣ କଲେ । ଯଜ୍ଞରେ ବିଘ୍ନୋତ୍ପନ୍ନ ପାଇଁ ରାଜା ଶଗର ଯଜ୍ଞ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଦେବରାଜ ଇନ୍ଦ୍ର ଛଦ୍ମବେଶରେ ଯଜ୍ଞ ଅଶ୍ୱ ଅପହରଣ କଲେ । ରାଜା ଶଗର ଯଜ୍ଞ ଅଶ୍ୱ ଠାବ ପାଇଁ ତାଙ୍କର ଷାଠିଏ ହଜାର ପୁତ୍ରଙ୍କୁ ପଠେଇଲେ । ସାରା ପୃଥିବୀ ଖୋଜିଖୋଜି ସେମାନେ ନୟାନ୍ତ ହେଲେ । ହେଲେ ଯଜ୍ଞ ଅଶ୍ୱ ଠାବ କରିପାରିଲେ ନାହିଁ । ବ୍ୟତିବ୍ୟସ୍ତ ଶଗର ପୁତ୍ରମାନେ ପୃଥିବୀ ଖୋଳି ପାତାଳ ଲୋକରେ ପହଞ୍ଚିଲେ । କପିଳ ମୁନିଙ୍କୁ ତପସ୍ୟାରତ ଓ ଯଜ୍ଞ ଅଶ୍ୱକୁ ତାଙ୍କ ନିକଟରେ ଦେଖି ତାଙ୍କୁ ମାରିବାକୁ ଉଦ୍ୟତ ହୁଅନ୍ତେ ମୁନି କପିଳଙ୍କ ଗୋଟିଏ ହୁଙ୍କାରରେ ସମସ୍ତେ ଭସ୍ମୀଭୂତ ହେଲେ । ବହୁକାଳ ପର୍ଯ୍ୟନ୍ତ ନିଜର ପୁତ୍ରମାନେ ପ୍ରତ୍ୟାବର୍ତ୍ତନ ନକରିବାରୁ ତାଙ୍କ ଅନ୍ୱେଷଣରେ ରାଜା ଶଗର ପୌତ୍ର ଅଂଶୁମାନକୁ ନିୟୋଜିତ କଲେ । ଅଂଶୁମାନ ଖୋଜି ଖୋଜି ଶେଷରେ ପାତାଳ ଲୋକରେ ପହଞ୍ଚିଲେ । କାକାମାନଙ୍କ ଭସ୍ମୀଭୂତ ପାଉଁଶ ଦେଖି ଦୁଃଖିତ ହେଲେ । ତାଙ୍କୁ ଜଳାଞ୍ଜଳି ଦେବାକୁ ଇଛା କଲେ । ଠିକ ସେହି ସମୟରେ ପକ୍ଷୀରାଜ ଗରୁଡ଼ ସେଠି ଉପସ୍ଥିତ ହେଲେ । ଅଂଶୁମାନକୁ କହିଲେ ଭୌତିକ ଜଳରେ ଜଳାଞ୍ଜଳି ଦେଲେ ଶଗର ପୁତ୍ରମାନଙ୍କର ମୁକ୍ତି ହେବ ନାହିଁ । ଗଙ୍ଗାଜଳରେ ତର୍ପଣ କଲେ ସେମାନଙ୍କର ସ୍ୱର୍ଗବାସ ହେବ । ପକ୍ଷୀରାଜ ଗରୁଡ଼ ସମ୍ପର୍କରେ ଶଗର ପୁତ୍ରଙ୍କ ମାମୁଁ ଥିଲେ ।

ଅଂଶୁମାନ ଯଜ୍ଞ ଅଶ୍ୱ ସାଥିରେ ଘେନି ଲେଉଟି ଆସିଲେ । ନିଜ ନାନାଙ୍କୁ ସମସ୍ତ କଥା ବିସ୍ତାରରେ କହିଲେ । ଯଜ୍ଞ ସଂପୂର୍ଣ୍ଣ ପରେ ରାଜା ଶଗର ତିରିଶ ହଜାର ବର୍ଷ ପର୍ଯ୍ୟନ୍ତ ଅଯୋଧାରେ ଶାସନ କଲେ । ପରନ୍ତୁ ଦେବୀ ଗଙ୍ଗାଙ୍କୁ ପୃଥିବୀକୁ ଆଣିବାର ଉଚିତ ଉପାୟ ଚିନ୍ତା କରିପାରିଲେ ନାହିଁ । ମହାରାଜ ଶଗରଙ୍କ ମୃତ୍ୟୁ ପରେ ଅଂଶୁମାନ ଅଯୋଧାର ରାଜା ହେଲେ । ସେ ନିଜ ପୁତ୍ର ଦିଲ୍ଲୀପଙ୍କୁ ରାଜ୍ୟଭାର ସମର୍ପଣ କରି ତପସ୍ୟା ସକାଶେ ହିମାଳୟକୁ ପ୍ରସ୍ଥାନ କଲେ । ଦେବୀ ଗଙ୍ଗାଙ୍କୁ ମନୁଷ୍ୟଲୋକ ଆଣିବା ତାଙ୍କ ତପସ୍ୟାର ମୂଳ ଲକ୍ଷ୍ୟ ଥିଲା । ତପସ୍ୟାରତ ଅବସ୍ଥାରେ ତାଙ୍କର ମୃତ୍ୟୁ ହେଲା । ତାଙ୍କର ପୌତ୍ର ଦେବୀ ଗଙ୍ଗାଙ୍କୁ ପୃଥିବୀପୃଷ୍ଠକୁ ଆଣିବାକୁ ଗୋକର୍ଣ୍ଣ ତୀର୍ଥରେ ହଜାରେ ବର୍ଷ ଘୋର ତପସ୍ୟା କଲେ । ପରମପିତା ବ୍ରହ୍ମା ତାଙ୍କ ତପସ୍ୟାରେ ପ୍ରସନ୍ନ ହେଲେ । ଭଗବାନ ଶିବଙ୍କ ଆରାଧନା କରି ପ୍ରସନ୍ନ କଲେ ସେ ଦେବୀ ଗଙ୍ଗାଙ୍କୁ ଧାରଣ କରିବା ପାଇଁ ସମ୍ମତ ହେବେ ବୋଲି ଉପଦେଶ ଦେଲେ । ତଦନୁସାରେ ରାଜା ଭଗୀରଥ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ଏକ ବର୍ଷ ଉଗ୍ର ତପସ୍ୟା କଲେ । ଭଗବାନ ଶିବ ପ୍ରସନ୍ନ ହେଲେ । ଗଙ୍ଗାଙ୍କୁ ନିଜ ମସ୍ତକରେ ଧାରଣ କରିବାକୁ ଅଭୟ ଦେଲେ । ଦେବୀ ଗଙ୍ଗା ପ୍ରବଳ ବେଗରେ ଧରାପୃଷ୍ଠକୁ ଅବତାରିତ ହୁଅନ୍ତେ ଦେବ ଦେବ ମହାଦେବ ନିଜ ବିଶାଳ ଜଟାରେ ତାଙ୍କୁ ଧାରଣ କରିନେଲେ । ପରେ ଭଗବାନ ଶିବ ଦେବୀ ଗଙ୍ଗାଙ୍କୁ ବିନ୍ଦୁ ସରୋବରରେ ଛାଡିଲେ । ସେହି ସରୋବରରୁ ଦେବୀ ଗଙ୍ଗାଙ୍କ ସପ୍ତଧାରା ନିସୃତ ହେଲେ । ତାଙ୍କର ଗୋଟିଏ ଧାରା ରାଜା ଭଗୀରଥଙ୍କ ପଛେ ପଛେ ବହିବାକୁ ଲାଗିଲେ । ରାଜା ଭଗୀରଥ ରଥରେ ଆଗେଆଗେ । ଦେବୀ ଗଙ୍ଗା ତାଙ୍କ ପଛେପଛେ । ପାତାଳର ଯେଉଁ ସ୍ଥାନରେ କପିଳ ମୁନିଙ୍କ କୋପରେ ଶଗରଙ୍କ ଷାଠିଏ ହଜାର ପୁତ୍ର ଭସ୍ମୀଭୂତ ହୋଇଥିଲେ ଉଭୟେ ସେଠି ପହଁଚିଲେ । ଦେବୀ ଗଙ୍ଗାଙ୍କ ସ୍ପର୍ଶରେ ରାଜା ଶଗରଙ୍କ ପୁତ୍ରଙ୍କ ଉଦ୍ଧାର ହେଲା ସେମାନେ ମୁକ୍ତିକୁ ପ୍ରାପ୍ତ ହୋଇ ସ୍ୱର୍ଗଲୋକ ଗମନ କଲେ ।

ପୂର୍ବଜଙ୍କ ଉଦ୍ଧାର କରି ରାଜା ଭଗୀରଥ ଧରାପୃଷ୍ଠରେ ଏକ ମହାନ କୀର୍ତ୍ତିମାନ ସ୍ଥାପନ କଲେ । ଦେବୀ ଗଙ୍ଗାଙ୍କୁ ରାଜା ଭଗୀରଥ ପୃଥିବୀକୁ ଅବତରିତ କରିଥିବାରୁ ତାଙ୍କରି ନାମାନୁସାରେ ଗଙ୍ଗା ପବିତ୍ର ପାପନାଶିନୀ ଭାଗିରଥୀ ନାମରେ ସୁବିଦିତା ହେଲେ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

## ଆଜିର ଚିନ୍ତନ

**ଯେ** କୌଣସି କାର୍ଯ୍ୟର ସଫଳତା ପାଇଁ ଧୈର୍ଯ୍ୟ, ଏକାଗ୍ରତା ତଥା ନିଷ୍ଠା ଅତ୍ୟନ୍ତ ଆବଶ୍ୟକ । ଥରେ ଭଗବାନ ବୁଦ୍ଧ ଭ୍ରମଣ କରୁ କରୁ ମଝି ରାସ୍ତାରେ ତାଙ୍କୁ ଭୀଷଣ ଶୋଷ ଲାଗିଲା । ତାଙ୍କ ସହିତ ଯାଉଥବା ଆନନ୍ଦ, ନିକଟରେ ଥିବା ଝରଣାରୁ ଜଳ ଆଣିବା ନିମନ୍ତେ ବାହାରିଲେ । କିନ୍ତୁ ଆନନ୍ଦ ଦେଖିଲେ ଯେ, କିଛି ସମୟ ପୂର୍ବରୁ କିଛି ବଳଦ ଗାଡ଼ି ସେହି ଝରଣା ଦେଇ ଯାଇଛନ୍ତି ତଥା ଜଳ ଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଅସନା ହୋଇଯାଇଛି । ସେ ସେଠାରୁ ଚାଲି ଆସି ବୁଦ୍ଧଦେବଙ୍କୁ ଜଳ ମଇଳା ହୋଇଯାଇଥିବା କଥା କହିଲେ ଏବଂ ତତ୍ ସଙ୍ଗେ ସଙ୍ଗେ ଯେଉଁ ନଦୀ ଦେଇ ସେମାନେ ଆସିଥିଲେ ସେଠାରୁ ଜଳ ଆଣିବା ପାଇଁ ପ୍ରସ୍ତୁତ ହେଲେ । ସବୁ ଶୁଣି ସାରି ବୁଦ୍ଧଦେବ କହିଲେ, ନା ! ତୁମେ ସେହି ଝରଣାର ଜଳ ହିଁ ନେଇକି ଆସ । କିନ୍ତୁ ଆନନ୍ଦ ସେହି ଝରଣା ନିକଟକୁ ଯାଇ ଦେଖିଲେ, ଜଳ ବର୍ତ୍ତମାନ ସୁଦ୍ଧା ସଫା ହୋଇ ନାହିଁ । ସେ ପୁନଃ ବୁଦ୍ଧଙ୍କ ନିକଟକୁ ଯାଇ ଜଳ ସଫା ନଥିବା କଥା କହିଲେ । କିନ୍ତୁ ବୁଦ୍ଧଦେବ ପୂର୍ବ କଥା ହିଁ ଦୋହରେଇଲେ, ଝରଣାର ଜଳ ହିଁ ସେ ପାନ କରିବେ । ନିରୁପାୟ ଆନନ୍ଦ ପୁଣି ଝରଣା ପାଖକୁ ଗଲେ । କିନ୍ତୁ ସେତେବେଳେ ଯାଏ ମଧ ଜଳ ସଫା ନ ଥିଲା । ଆନନ୍ଦ ମନେ ମନେ ଭାରି ଦୁଃଖିତ ହେଲେ ଏବଂ ପୁଣିଥରେ ବୁଦ୍ଧଦେବଙ୍କ ନିକଟକୁ ଫେରି ଆସିଲେ । ବୁଦ୍ଧ ଦେବ କିନ୍ତୁ ସେଠାକୁ ଆଉଥରେ ଯିବା ପାଇଁ ପରାମର୍ଶ ଦେଲେ । ଚତୁର୍ଥ ଥର ଆନନ୍ଦ ସେଠାରେ ପହଞ୍ଚିଲା ବେଳକୁ ମାଟି ତଥା ପଚାସଢ଼ା ପତ୍ର ଗୁଡ଼ିକ ସବୁ ତଳେ ବସି ଯାଇଛି ତଥା ଉପର ଜଳ ଗୁଡ଼ିକ ସମ୍ପୂର୍ଣ୍ଣ ଆଇନା ଭଳି ସଫା ଦେଖାଯାଉଛି । ସଙ୍ଗେ ସଙ୍ଗେ ଆନନ୍ଦ ସେହି ଜଳ ଆଣି ବୁଦ୍ଧଦେବଙ୍କ ନିକଟରେ ପହଞ୍ଚିଲେ । ସେତେବେଳେ ବୁଦ୍ଧ କହିଲେ, ହେ ଆନନ୍ଦ ! ଆମର ଜୀବନ ରୂପୀ ଜଳକୁ ମଧ କୁବିଚାର ରୂପୀ ବଳଦ ପ୍ରତିଦିନ ଅସନା ଗୋଳିଆ କରୁଛନ୍ତି ଏବଂ ଆମେ ସେହି ସମୟରେ ଧୈର୍ଯ୍ୟହରା ହୋଇ ନିଜ ଜୀବନରୁ ପଳାୟନ କରୁଛୁ । କିନ୍ତୁ ଆମକୁ ପଛଘୁଞ୍ଚା ଦେବା ଉଚିତ୍ ନୁହେଁ, ବରଂ ମନ ରୂପୀ ଝରଣାକୁ ଶାନ୍ତ କରିବା ପାଇଁ ପ୍ରତୀକ୍ଷା କରିବାକୁ ପଡ଼ିଥାଏ । ଏଥିପାଇଁ ଧୈର୍ଯ୍ୟର ଆବଶ୍ୟକତା ହୋଇଥାଏ ଆଉ ସେତେବେଳେ ସବୁକିଛି ସ୍ୱଚ୍ଛ ଦେଖାଦେବ, ଠିକ୍ ଏହି ଝରଣା ଭଳି ।

ଶ୍ରୀକ୍ଷେତ୍ର
ବର୍ଷ ୨୮, ସଂଖ୍ୟା - ୩୭, ୧୫ - ୨୧ ସେପ୍ଟେମ୍ବର ୨୦୨୪

# ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତା


**ଓ**ଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡିକର ସ୍ୱାୟତ୍ତତା ଫେରିବ ଓ ଆବଶ୍ୟକୀୟ ପୁନଃ ସଂଶୋଧନ ସହ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ବିଧାନସଭାରେ ଶୁଣିବା ପାଇଁ ମିଳିଲା ଯାହା କି ସ୍ୱାଗତଯୋଗ୍ୟ । ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ-୨୦୨୦ର ପୃଷ୍ଠଭୂମି କ'ଣ ଥିଲା ଏବଂ କାହିଁକି ତା'ର ଆବଶ୍ୟକତା ପଡ଼ିଲା ତାହା ଏଇ ଆଲେଖ୍ୟର ଉଦ୍ଦେଶ୍ୟ ନୁହେଁ; କିନ୍ତୁ ପରିଣାମ ଯେ ଶିକ୍ଷା, ଶିକ୍ଷାନୁଷ୍ଠାନ, ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ହିତରେ ଥିଲା ତାହା ବୋଧହୁଏ କୁହାଯାଇପାରିବ ନାହିଁ ଓ କୁଳପତିଙ୍କ ଠାରୁ ଆରମ୍ଭକରି ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି ପ୍ରାୟତଃ ବନ୍ଦ ହୋଇପଡ଼ିବା ଯୋଗୁଁ ଓଡ଼ିଶାର ୧୭ଟି ବିଶ୍ୱବିଦ୍ୟାଳୟରେ ଥିବା ମୋଟ ୧୯୧୧ ଶିକ୍ଷକ ପଦରୁ ୧୧୮୭ ପଦ ଖାଲି ପଡ଼ିଛି ଯାହାକି ବିଧାନସଭାରେ ପ୍ରଦତ୍ତ ତଥ୍ୟରୁ ଜଣାପଡେ । ନ୍ୟାୟାଳୟରେ ମାମଲା ବିଚାରାଧୀନର ଆଳ ନେବା ପୂର୍ବରୁ ଜାଣିବା ଉଚିତ ନଥିଲା କି କିଛି ଆଇନଗତ ସମସ୍ୟାର ସମ୍ଭାବନା ଉପୁଜିପାରେ ବୋଲି ?

ଗୋଟିଏ ରାଷ୍ଟ୍ର ଯେତେବେଳେ ଏକ ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତାକୁ ସୁରକ୍ଷା ଦିଏ ସେତେବେଳେ ତାହା ଏକ ସାର୍ବଜନୀନ ଚେତନା ଅଭିବୃଦ୍ଧିରେ ସହାୟକ ହୋଇଥାଏ ଯାହା କି ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ମଙ୍ଗଳମୟ । ଏକ ବିଶ୍ୱବିଦ୍ୟାଳୟର ସାର୍ବଜନୀନ ଚରିତ୍ର କେବଳ ରାଷ୍ଟ୍ର ଦ୍ୱାରା ପ୍ରଦତ୍ତ ଅର୍ଥ ପାଣ୍ଠି ଦ୍ୱାରା ନୁହେଁ ବରଂ ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତା ଓ ଶୈକ୍ଷିକ ସ୍ୱାଧୀନତା ରାଷ୍ଟ୍ରର ରହିଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମଧ ନିର୍ଭର କରେ । ଗ୍ରୀକ୍ ଦାର୍ଶନିକ ଇମାନୁଏଲ କାଣ୍ଟଙ୍କ ମତରେ ବିଶ୍ୱବିଦ୍ୟାଳୟ ଏକ ସର୍ତ୍ତବିହୀନ ଅବଧାରଣା ଯାହାକୁ ପ୍ରତିପାଦିତ କରାଯାଏ । ଆଇନମୋଦିତ ନିୟନ୍ତ୍ରଣ ନୁହେଁ । ଯଦି ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡିକୁ ଦେଖାଯାଏ ତେବେ କେଉଁଠି ନା କେଉଁଠି ସେଇ ରାଜ୍ୟରେ ଶାସନରେ ଥିବା ଦଳଟିର ଇଚ୍ଛା ଅନୁସାରେ ହିଁ ବିଶ୍ୱବିଦ୍ୟାଳୟର ପ୍ରକ୍ରିୟା ନିୟନ୍ତ୍ରଣ ହୁଏ ବୋଲି ବାରମ୍ବାର ଅଭିଯୋଗ ହୁଏ । ଯାହାର ପରିଣାମ ସ୍ୱରୂପ କୁଳପତିଙ୍କ ସମେତ ଶିକ୍ଷକ, ଅଣଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କୁ ସର୍ବଦା ଆନ୍ତଃ ଓ ବାହ୍ୟ ରାଜନୈତିକ ଚାପକୁ ସାମ୍ନା କରିବା ପାଇଁ ପଡେ । ଏଇ ପ୍ରକାର ଅନେକ ଉଦାହରଣ ନିକଟ ଅତୀତରେ ପଶ୍ଚିମବଙ୍ଗ, ତାମିଲନାଡୁ, ପଞ୍ଜାବ ଓ କେରଳ ଆଦି ରାଜ୍ୟରେ ଦେଖିବା ପାଇଁ ମିଳିଥିଲା । ରାଜ୍ୟଗୁଡ଼ିକର ଏଇ ସବୁ ପଦକ୍ଷେପ ବିଶ୍ୱବିଦ୍ୟାଳୟ କିମ୍ବା ଶିକ୍ଷକ-ଶିକ୍ଷାର୍ଥୀଙ୍କ ହିତରେ ଯେ ଉଦ୍ଦିଷ୍ଟ ତାହା ବିଶ୍ୱାସ କରିହୁଏ ନାହିଁ । ଏସବୁ ସତ୍ତ୍ୱେ ନାକ୍ ଗ୍ରେଡ ପାଇବା ବେଳେ କିମ୍ବା ଗବେଷଣାଗତ ପ୍ରକାଶନ ବେଳେ କିମ୍ବା ମୁଖ୍ୟତଃ ମାନ୍ୟତା (ରାଙ୍କିଙ୍ଗ) ପ୍ରଦାନ କରିବାବେଳେ ବିଶ୍ୱବିଦ୍ୟାଳୟଠାରୁ ଉତ୍ତରଦାୟିତ୍ୱ ଓ ପ୍ରଦର୍ଶନ ଭିତ୍ତିକ ଅଙ୍ଗୀକାରବଦ୍ଧତା ଆଶା କରିବା କେତେ ସମୀଚୀନ ?

ପ୍ରକାଶଥାଉ କି ବିଶ୍ୱବିଦ୍ୟାଳୟରେ କେବଳ ସ୍ୱାୟତ୍ତତା ପାଇଁ ହିଁ ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟଗୁଡିକ ସମୃଦ୍ଧ । ବର୍ତ୍ତମାନ ଓଡ଼ିଶାରେ ଥିବା ବିଶ୍ୱବିଦ୍ୟାଳୟଗୁଡିକର ସ୍ଥିତିକୁ ସଂଶୋଧିତ ଆଇନର ପରବର୍ତ୍ତୀ ଅବସ୍ଥାରେ ଦେଖିଲେ ଜଣାପଡ଼େ ଯେ ସାମ୍ପ୍ରତିକ ନିୟମ ଆଧାରିତ ଅଙ୍କୁଶଗତ ଓ କିଞ୍ଚିତ୍ ସ୍ୱାୟତ୍ତତା ପ୍ରଚଳନର ପ୍ରୟାସ ବୋଧହୁଏ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରତୀୟମାନ ହେଉଥିବ । ସଂରଚନାତ୍ମକ ପରିବର୍ତ୍ତନକୁ ଉପେକ୍ଷା କରିଛି ଏବଂ ଅନ୍ୟ ଅର୍ଥରେ କହିବା ପାଇଁ ଗଲେ ସ୍ୱାୟତ୍ତତାକୁ ନେଇ ଥିବା ଆମର ଅବଧାରଣା ଶୈକ୍ଷିକ- ପରିଚାଳନାଗତ- ପ୍ରଶାସନିକ- ଆର୍ଥିକ ଆଦି ପରିମାପ ସମ୍ବନ୍ଧୀୟ ଧାରଣା ମଧ୍ୟରେ ଥିବା ଅନ୍ତଃ ସଂଯୋଗକୁ ବିଚାର କରିନାହିଁ । ଯେତେବେଳେ ଉପରୋକ୍ତ ସଂଶୋଧନ ଆଇନ ପ୍ରଣୟନ ହେଲା ସେତେବେଳେ କିଛି ସପକ୍ଷବାଦୀ ବିଚାର ମଧ ସାମ୍ନାକୁ ଆସିଥିଲା କି ରାଜ୍ୟର ନିଜର ବିଶ୍ୱବିଦ୍ୟାଳୟ ଗୁଡିକପାଇଁ ନିୟମ/ ଅଧିନିୟମ ପ୍ରଣୟନର ଅଧିକାର ରହିଛି । ତେଣୁ ସେଇ ହିସାବରେ ସିନେଟ ଉଠେଇ ସିଣ୍ଡିକେଟର ପ୍ରଚଳନ ହେଉ କିମ୍ବା କୁଳପତିଙ୍କ ହାତରୁ ନିଯୁକ୍ତି କ୍ଷମତା କାଢ଼ିଦେଇ ଲୋକସେବା ଆୟୋଗକୁ ଦେବା ହେଉ, ସେ ସବୁ ଯଥାର୍ଥ ଅଟେ । ଯଦିଓ ସେବା ଆୟୋଗଙ୍କ ନିଯୁକ୍ତି ପ୍ରକ୍ରିୟା ଓ ସାମର୍ଥ୍ୟ ଉପରେ କୌଣସି ପ୍ରଶ୍ନବାଚୀ ଏଠାରେ ନାହିଁ କିନ୍ତୁ ବୁଝିବାପାଇଁ ପଡ଼ିବ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ସର୍ବନିମ୍ନ ଯୋଗ୍ୟତା ହାସଲ କରିବା ଏକ ସର୍ବଶ୍ରେଷ୍ଠ ପରିମାପକ ନୁହେଁ । ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶ ଓ ପରିସ୍ଥିତିର ହିସାବରେ ବିଭାଗ/ବିଷୟ ସମ୍ବନ୍ଧିତ ଆବଶ୍ୟକତା ଓ ଗବେଷଣା ସମ୍ବନ୍ଧିତ ନିପୁଣତାକୁ ପରଖିବାର ସାମର୍ଥ୍ୟ ସେ ବିଶ୍ୱବିଦ୍ୟାଳୟ କିମ୍ବା କୁଳପତିଙ୍କ ଛଡା ଆଉ କାହାର ଅଧିକ ହୋଇପାରେ ?

ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ ରାଜ୍ୟର ନିୟମାବଳୀ ଏବଂ କେନ୍ଦ୍ରର ନିୟମ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ସୃଷ୍ଟିହେଲେ ସମ୍ବିଧାନର ଧାରା ୨୫୪ ଆଧାରରେ ସେ କ୍ଷେତ୍ରରେ କେନ୍ଦ୍ରର ନିୟମାବଳୀ (ୟୁଜିସି ଅଧିନିୟମ) ପ୍ରଯୁଜ୍ୟ ହେବ ଯାହା କି ସର୍ବୋଚ୍ଚ ନ୍ୟାୟାଳୟ ୨୦୨୨ରେ ଗଡ଼ଭି ବନାମ ଗୁଜରାଟ ମାମଲାର ରାୟରେ ସ୍ପଷ୍ଟ କରିସାରିଛନ୍ତି । ସମାନ –ଦୃଷ୍ଟାନ୍ତ ମଧ ପ୍ରଫେସର ଶ୍ରୀଜିତ୍ ବନାମ ପ୍ରଫେସର ରାଜଶ୍ରୀ ମାମଲାରେ ୨୦୨୨ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟରେ ଦେଖିବା ପାଇଁ ମିଳେ । ଭାରତର ପୂର୍ବତନ ଶିକ୍ଷା ମନ୍ତ୍ରୀ ନୁରୁଲ ହାସନ ମତ ଦେଇଥିଲେ ଯେ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକ ଗଭୀର ସମୁଦ୍ରର ଅନ୍ଧକାର ମଧ୍ୟରେ ଗୋଟିଏ ଗୋଟିଏ ପ୍ରଜ୍ୱଳିତ ଦ୍ୱୀପ ସଦୃଶ ଅଟନ୍ତି; କିନ୍ତୁ ସମୟାନୁସାରେ ସେ ପ୍ରଜ୍ୱଳିତ ଦ୍ୱୀପ ପ୍ରାୟ ଲିଭିବା ଅବସ୍ଥାରେ ନା ସେ ସମୁଦ୍ରର ଅନ୍ଧକାର ଆହୁରି ଗାଢ଼ ହେବାରେ ଲାଗିଛି ତାହା ବିଚାର କରିବାର ସମୟ ଆସିନାହିଁ କି ?

କୋଠାରି କମିସନଙ୍କ ମତ ଥିଲା ଯେ ବିଶ୍ୱବିଦ୍ୟାଳୟ ଏକ ସମୁଦାୟ ସେବା କେନ୍ଦ୍ର ନୁହେଁ ଯେଉଁଠି ସମାଜର ଲୋକପ୍ରିୟ ଦାବିକୁ ନଜର ବା ଚାହିଦା ପ୍ରଦାନ କରିବା ଏହାର ଏକମାତ୍ର କାର୍ଯ୍ୟ ହେବ । ଅଙ୍ଗୀକାରବଦ୍ଧତା ଓ ବିଚ୍ଛିନ୍ନତା ମଧ୍ୟରେ ବିଶ୍ୱବିଦ୍ୟାଳୟକୁ ଏକ ଭାରସାମ୍ୟ ରକ୍ଷା କରିବାର ଆବଶ୍ୟକତା ରହିଛି । ବୋଧହୁଏ ଏହାରି ମଧ୍ୟରେ ଲୁଚି ରହିଛି ବିଶ୍ୱବିଦ୍ୟାଳୟର ପ୍ରକୃତ ସ୍ୱାୟତ୍ତତା । ସଂଶୋଧନ/ପୁନଃ -ସଂଶୋଧନ ବିଶ୍ୱବିଦ୍ୟାଳୟକୁ ସ୍ୱାୟତ୍ତତା ଫେରାଇବା ପ୍ରକ୍ରିୟାରେ ଏଇ ସବୁ ଦିଗକୁ ଧ୍ୟାନଦେଲେ ହିଁ ଓଡ଼ିଆ ଢଗ ଅନୁସାରେ କୁଳ ବୁଡିବା ବେଳକୁ ଘୋଡାମୁହାଁ ପୁଅ ଜନ୍ମ ପରି ପରିସ୍ଥିତି ଉପୁଜିବ ନାହିଁ ।



# ସତ୍ୟାଗ୍ରହର ସଂହିତା

**ମହାତ୍ମା ଗାନ୍ଧୀ**

**ଜ**ଣେ ସତ୍ୟାଗ୍ରହୀ ଭୟକୁ ପଛରେ ଛାଡ଼ିଦେଇ ଆସିଥାଏ । ତେଣୁ ପ୍ରତିପକ୍ଷକୁ ବିଶ୍ୱାସ କରିବା ଲାଗି ତା'ର କଦାପି କୌଣସି ଭୟ ନ ଥାଏ । ପ୍ରତିପକ୍ଷ ତାକୁ କୋଡିଏ ଥର ଧୋକା ଦେଲେ ମଧ ଏକୋଇଶି ଥର ପାଇଁ ସତ୍ୟାଗ୍ରହୀ ତାକୁ ବିଶ୍ୱାସ କରିବାକୁ ପ୍ରସ୍ତୁତ ଥାଏ । କାରଣ, ମନୁଷ୍ୟର ପ୍ରକୃତି ପରେ ଏକ ଅନ୍ତର୍ନିହିତ ବିଶ୍ୱାସ ରଖିବା ହିଁ ତା' ଧର୍ମର ସାରମର୍ମ ହୋଇ ରହିଥାଏ ।

ସତ୍ୟାଗ୍ରହୀ ସ୍ୱଭାବତଃ ନିୟମଗୁଡିକୁ ମାନିବାଲାଗି ହିଁ ଆଗ୍ରହ ରଖିଥାଏ, କାରଣ ସେଇଟି ବ୍ୟତୀତ ତାକୁ କଦାପି ଜଣେ ସତ୍ୟାଗ୍ରହୀ ବୋଲି କୁହାଯିବ ନାହିଁ । ତା'ର ସ୍ୱଭାବରେ ନିୟମଗୁଡିକୁ ମାନିବାର ଏକ ଆଗ୍ରହ ରହିଥାଏ ବୋଲି ହିଁ ସର୍ବୋଚ୍ଚ ବିଧାନ ପ୍ରତି, ଅର୍ଥାତ୍ ଅନ୍ୟ ସକଳ ବିଧାନକୁ ଲଂଘି ଯାଇ ପାରୁଥିବା ବିବେକର ବାଣୀଟି ପ୍ରତି ହିଁ ତାହାର ସର୍ବଦା ଏକ ଅନ୍ତର୍ନିହିତ ଆନୁଗତ୍ୟ ରହିଥାଏ ।

ସତ୍ୟାଗ୍ରହ ହିଁ ପ୍ରତ୍ୟକ୍ଷ ପ୍ରତିବିଧାନର ଏକ ସର୍ବାଧିକ ଶକ୍ତିଶାଳୀ ମାର୍ଗ ହୋଇଥିବାରୁ ଜଣେ ସତ୍ୟାଗ୍ରହୀ ସତ୍ୟାଗ୍ରହର ପନ୍ଥା ଗ୍ରହଣ କରିବା ପୂର୍ବରୁ ଆଉ ସବୁତକ ପନ୍ଥାକୁ ପରୀକ୍ଷା କରି ନେଇଥାଏ । ତେଣୁ, ସେ ସତେ ଏବଂ ଅବିରତ ଭାବରେ ପ୍ରତିଷ୍ଠିତ କର୍ତ୍ତୃତ୍ୱଟି ପାଖକୁ ଅବଶ୍ୟ ଯିବ, ସାଧାରଣ ଲୋକ ମତକୁ ଅବଶ୍ୟ ଆବେଦନ କରିବ, ଲୋକମତକୁ ଶିକ୍ଷିତ କରାଇ ଆଣିବ, ତା' କଥାକୁ ଶୁଣିବା ଲାଗି ଇଚ୍ଛା କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସିଏ, ତାହାର କଥାଟିକୁ ସ୍ଥିର ଓ ଅନୁତ୍ତେଜିତ ଭାବରେ କହି ପାରୁଥିବ ଏବଂ ଏହି ସବୁଯାକ ସମ୍ଭାବନା ଶେଷ ହେବା ପରେ ଯାଇ ସେ ସତ୍ୟାଗ୍ରହର ପନ୍ଥା ଗ୍ରହଣ କରିବ । ମାତ୍ର ଯେତେବେଳେ ନିଜ ଭିତରୁ ଅନ୍ତରବାଣୀର ସେହି ପ୍ରେରକ ଆହ୍ୱାନଟିକୁ ଆବିଷ୍କାର କରିବ ଏବଂ ସତ୍ୟାଗ୍ରହ ଆରମ୍ଭ କରିଦେବ, ସେତେବେଳେ ସେ ଅଙ୍ଗୀକାରବଦ୍ଧ ହୋଇ ସାରିଥିବ ଏବଂ ଆଉ ଫେରି ଆସିବାର କୌଣସି ପ୍ରଶ୍ନ ନଥିବ ।

ସତ୍ୟାଗ୍ରହୀ ଯେତେବେଳେ ସଂଗ୍ରାମ ଲାଗି ପ୍ରସ୍ତୁତ ହୋଇଯାଏ, ସେତେବେଳେ ସେ ତଥାପି ଶାନ୍ତିଲାଗି ଉତ୍ସୁକ ହୋଇ ରହିଥାଏ । ଶାନ୍ତି ନିମନ୍ତେ ଯେ କୌଣସି ସମ୍ମାନଜନକ ସୁଯୋଗକୁ ସେ ଅବଶ୍ୟ ସ୍ୱାଗତ କରେ ।

ମୋ'ର ପରାମର୍ଶ ହେଉଛି, ସତ୍ୟାଗ୍ରହ ପ୍ରଥମ ଓ ସତ୍ୟାଗ୍ରହ ଶେଷରେ । ମୁକ୍ତିଲାଭ କରିବା ପାଇଁ ଆଉ ଅଧିକ ଉତ୍ତମ ପଥ କଦାପି ନାହିଁ ।

ସତ୍ୟାଗ୍ରହୀର ବିଧାନ ମଧ୍ୟରେ ପଶୁଶକ୍ତି ପାଖରେ ନତମସ୍ତକ ହେବା ଭଳି କୌଣସି ବସ୍ତୁ ନାହିଁ । ତେବେ ସେହି କ୍ଷେତ୍ରରେ ତାହା କେବଳ ଆପଣାର କଷ୍ଟସହନକୁ ହିଁ ସ୍ୱୀକାର କରିବାକୁ ବୁଝାଇବ, ବାୟୋନେଟ୍ ଚଳାଉଥିବା ବ୍ୟକ୍ତି ପାଖରେ ନତମସ୍ତକ ହେବାକୁ ଆଦୌ ବୁଝାଇବ ନାହିଁ ।ଜଣେ ସତ୍ୟାଗ୍ରହୀ ଭାବେ ମୁଁ ମୋ'ର ଯୋଜନାଗୁଡିକୁ ସର୍ବଦା ପରୀକ୍ଷିତ ଏବଂ ପୁନଃ ପରୀକ୍ଷିତ ହେବାକୁ ଦେଉଥିବି ଏବଂ ଯଦି କେଉଁଠି ଭୁଲ ରହିଥିବାର ଦେଖିପାରିବି, ତେବେ ତାହାର ସଂଶୋଧନ କରି ନେଉଥିବି ।

# ଅଷ୍ଟାଦଶ ବିଦ୍ୟାର ଉତ୍ପାଦକ -ବେଦ

**ବେ**ଦକୁ ଭାରତୀୟ ଜ୍ଞାନ ପରମ୍ପରାର ପ୍ରତିନିଧିତ୍ୱ କରୁଥିବା ଅଷ୍ଟାଦଶ ବିଦ୍ୟା ମଧ୍ୟରେ ସର୍ବପ୍ରଥମ ସ୍ଥାନ ପ୍ରାପ୍ତ ହୋଇଛି । ଭାରତୀୟ ଜ୍ଞାନର ଉଦ୍‌ଭବ ଓ ବିକାଶର ମୂଳ ସ୍ଥାନ ହେଉଛି ବେଦ । ବେଦ ଶବ୍ଦର ଅର୍ଥ ଓ ସ୍ୱରୂପ ଅତ୍ୟନ୍ତ ବ୍ୟାପକ । ବେଦ ଅର୍ଥାତ୍ ଆତ୍ମାର ସ୍ତରରେ ଅନୁଭବ କରାଯାଉଥିବା ଅନୁଭୂତି ଜନିତ ଜ୍ଞାନ । ଏହା ବ୍ୟଷ୍ଟି ଓ ସମଷ୍ଟିର ରହସ୍ୟକୁ ଅନ୍ତରାତ୍ମାର ନେତ୍ରରେ ଦେଖି ପାରିବାରେ ସମର୍ଥ ଋଷିମାନଙ୍କ ବିଚାରଗୁଡ଼ିକର ସାର ସଂଗ୍ରହ ଅଟେ ।

ଭାରତୀୟ ସଂସ୍କୃତିର ସମସ୍ତ ଜ୍ଞାନ ଧାରା ଓ ବିଦ୍ୟା ବୀଜ ରୂପେ ବେଦର ବିଚାରଣାରେ ବିଦ୍ୟମାନ । ସୁବିଧାନୁସାରେ ଏହି ଜ୍ଞାନରାଶିକୁ ବିଷୟ ଅନୁରୂପ ସଂହିତାଗୁଡ଼ିକ ରୂପେ ଲିପିବଦ୍ଧ କରାଯାଇଛି, ଯାହାକୁ ଆମେ ଋକ୍, ଯଜୁ, ସାମ ଓ ଅଥର୍ବ ବେଦ ନାମରେ ଜାଣୁ ।

ଶ୍ରୁତି, ନିଗମ, ଆଗମ, ଛନ୍ଦସ, ଆମ୍ନାୟ, ସ୍ୱାଧ୍ୟାୟ ଆଦି ନାମରେ ମଧ ବେଦ ଜ୍ଞାନକୁ ପ୍ରକଟ କରାଯାଇଛି । ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ୍ ଗ୍ରନ୍ଥଗୁଡ଼ିକରେ ସମ୍ପୂର୍ଣ୍ଣ ବୈଦିକ ସାହିତ୍ୟ ସମାହିତ । ଛଅ ବେଦାଙ୍ଗ, ଛଅ ଦର୍ଶନ, ଚାରି ଉପବେଦ– ଏସବୁ ବେଦ ଜ୍ଞାନର ହିଁ ବିସ୍ତାର ଓ ବ୍ୟାଖ୍ୟା ବିବେଚନ ।

ଋଷି ମାନଙ୍କର ଏହି ଗୁହ୍ୟ ଜ୍ଞାନ ସମ୍ପଦକୁ ଜନମାନେ ତିନିଟି ପ୍ରମୁଖ ଧାରାରେ ପ୍ରବାହିତ କରିଛନ୍ତି – କର୍ମକାଣ୍ଡ, ଜ୍ଞାନକାଣ୍ଡ ଓ ଉପାସନା କାଣ୍ଡ । ବସ୍ତୁତଃ ବେଦ ଜୀବନ ଓ ଜଗତର ସମଗ୍ର, ସମ୍ପୂର୍ଣ୍ଣ ଓ ଆଧ୍ୟାତ୍ମିକ ଜ୍ଞାନର ପର୍ଯ୍ୟାୟ । କର୍ମ, ଜ୍ଞାନ ଓ ଭକ୍ତିର ସମନ୍ୱୟବାଦୀ ଦୃଷ୍ଟିକୁ ଗ୍ରହଣ କରି ହିଁ ଏହାର ମହତ୍ତ୍ୱ ଓ ବୈଶିଷ୍ଟ୍ୟକୁ ଅଧିକ ଗଭୀରତାରେ ହୃଦ୍‌ଗତ କରାଯାଇପାରେ ।

ବର୍ତ୍ତମାନ ସମୟରେ ବୈଦିକ ଜ୍ଞାନ-ବିଜ୍ଞାନ ସହିତ ପରିଚିତ ନ ହେବା କାରଣରୁ ହିଁ ଭାରତୀୟ ଜୀବନ ଓ ସମାଜରେ ଅନେକ ବିସଙ୍ଗତି ଏବଂ ମୂଲ୍ୟହୀନତା ଦେଖାଯାଉଛି । ଯେଉଁ ସଂସ୍କୃତି ସନାତନ-ଶାଶ୍ୱତ ଜ୍ଞାନର କେନ୍ଦ୍ର ଉପରେ ବିକଶିତ ହୋଇଛି ଏବଂ ବିଶ୍ୱ ମାନବତାର ପଥପ୍ରଦର୍ଶକ ହୋଇ ବିଶ୍ୱଗୁରୁର ଗୌରବ ଯିଏ ପ୍ରାପ୍ତ କରିଛି, ସେହି ସଂସ୍କୃତି ଆଜି ନିଜର ଜ୍ଞାନ ସମ୍ପଦକୁ ସୁରକ୍ଷିତ-ସଂରକ୍ଷିତ ରଖି ଆହ୍ୱାନଗୁଡ଼ିକ ସହିତ ସଂଘର୍ଷ କରୁଛି ।

ଏଭଳି ସ୍ଥିତିରେ ଭାରତୀୟ ସଂସ୍କୃତି ପ୍ରତି କୃତଜ୍ଞତାର ଭାବନାରେ ଓତପ୍ରୋତ ପ୍ରତ୍ୟେକ ବ୍ୟକ୍ତିର ପବିତ୍ର କର୍ତ୍ତବ୍ୟ ହେଉଛି, ସେ ବେଦ ରୂପୀ ଜ୍ଞାନର ଅମୂଲ୍ୟ ଋଷି ସମ୍ପଦକୁ ପୁନଃ ପ୍ରତିଷ୍ଠିତ କରି ତଥା ଏହାର ମର୍ମ ଓ ମହତ୍ତ୍ୱ ସହିତ ଜନ ଜନଙ୍କୁ ଯୋଡ଼ିବାର କାର୍ଯ୍ୟକୁ ଯୁଗଧର୍ମ ମାନି ସମ୍ପନ୍ନ କରୁ ।

ଜନସାଧାରଣଙ୍କ ମଧ୍ୟରେ ପ୍ରଗାଢ଼ ଭାବନା ରହିଛି ଯେ କେବଳ ଧର୍ମ-ଅଧ୍ୟାତ୍ମ କ୍ଷେତ୍ରରେ ଜଡ଼ିତ ଲୋକଙ୍କ ସହ ବେଦ, ଉପନିଷଦ୍ ଆଦିର ସମ୍ବନ୍ଧ ଅଛି, ପ୍ରତ୍ୟେକ ଲୋକ ସହ ନୁହେଁ । ଯଦ୍ୟପି ସତକଥା ହେଲା, ଏହି ଜ୍ଞାନ ସମାନ ରୂପେ ସମ୍ପୂର୍ଣ୍ଣ ମାନବ ଜାତି ଏବଂ ତାହାର ପ୍ରତ୍ୟେକ ବର୍ଗ ଓ ସ୍ତର ନିମନ୍ତେ ଉପଯୋଗୀ ।

ସେଗୁଡ଼ିକରେ ଜୀବନର ଲୌକିକ ଓ ଅଲୌକିକ, ଉଭୟ ପକ୍ଷ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରେରଣା ଏବଂ କଲ୍ୟାଣକାରୀ ମାର୍ଗଦର୍ଶନ ମହଜୁଦ ଅଛି । ଧାର୍ମିକ ଓ ଆଧ୍ୟାତ୍ମିକ ଜୀବନ ସଙ୍ଗେ ସଙ୍ଗେ ପ୍ରତ୍ୟେକ ବ୍ୟକ୍ତିର ଏବଂ ସମାଜର ବ୍ୟାବହାରିକ, ସାମାଜିକ ଓ ସାଂସ୍କୃତିକ ପକ୍ଷଗୁଡ଼ିକ ପାଇଁ ମଧ ବୈଦିକ ଜ୍ଞାନ ସମ୍ପଦର ଅତ୍ୟନ୍ତ ମହତ୍ତ୍ୱ ରହିଛି ।


ବସ୍ତୁତଃ ମନୁଷ୍ୟ ଜୀବନର ଯେତେଗୁଡ଼ିଏ ପକ୍ଷ ରହିଛି, ସେସବୁ ସହିତ ବୈଦିକ ଜ୍ଞାନ-ବିଜ୍ଞାନର ଗଭୀର ସମ୍ବନ୍ଧ ଓ ଗୁରୁତ୍ୱ ଅଛି । ମାନବ ଜୀବନର ନୈତିକତା ଓ ଆଚରଣ ସମ୍ବନ୍ଧୀୟ କର୍ତ୍ତବ୍ୟ ବୋଧ ନିମନ୍ତେ ବେଦ ହିଁ ସବୁଠାରୁ ପ୍ରାମାଣିକ ସ୍ରୋତ । ଏଥିରେ କରିବା ଯୋଗ୍ୟ କର୍ତ୍ତବ୍ୟଗୁଡିକୁ ମାନବ ଧର୍ମରେ ବିଭୂଷିତ କରି ଧର୍ମାଚରଣର ବିସ୍ତୃତ ବ୍ୟାଖ୍ୟା ମହଜୁଦ ଅଛି ।

ଋଷିମାନଙ୍କର ଏହି ଆଚରଣ ସମ୍ବନ୍ଧୀୟ ବ୍ୟାଖ୍ୟା ବର୍ତ୍ତମାନର ଚରିତ୍ରହୀନତା ଓ ମୂଲ୍ୟହୀନତା ଦ୍ୱାରା ବିଚଳିତ ସମାଜ ଏବଂ ବିଶ୍ୱ ସକାଶେ ଅତ୍ୟନ୍ତ ଉପାଦେୟ । ସେମାନେ ମନୁଷ୍ୟ ଜୀବନର ପ୍ରତ୍ୟେକ କର୍ତ୍ତବ୍ୟ, ଯେପରି - ପିତା-ପୁତ୍ର, ମାତା-ପିତା, ପତି-ପତ୍ନୀ, ଗୁରୁ-ଶିଷ୍ୟ, ପରିବାର–ସମାଜ, ବ୍ୟକ୍ତି -ରାଷ୍ଟ୍ର, ରାଷ୍ଟ୍ରୀୟତା, ବିଶ୍ୱବନ୍ଧୁତ୍ୱ, ପରୋପକାର, ଉଦ୍ୟୋଗ, ଦାନ-ଧର୍ମ, ଅତିଥି ସତ୍କାର, ସେବା–ସହାୟତା ଆଦି ସନ୍ଦର୍ଭରେ ବ୍ୟକ୍ତିର ଆଚରଣ ଓ ଧର୍ମ କ'ଣ ହେବ, ଏହାର ବିସ୍ତୃତ ଉପଦେଶ ଦେଇଛନ୍ତି । ଏହା ସହିତ ଆମର ସନାତନ ପ୍ରାଚୀନ ସଭ୍ୟତା, ସଂସ୍କୃତି ଓ ସମାଜର ଆଦର୍ଶ ସ୍ୱରୂପର ବିସ୍ତୃତ ବିବରଣ ଏବଂ ସାମାଜିକ ବ୍ୟବସ୍ଥାର ମୂଲ୍ୟ ଆଧାରିତ ଦିଗ୍‌ଦର୍ଶନ ମଧ ଏଥିରେ ମହଜୁଦ ଅଛି ।

ଐତିହାସିକ ଓ ସାହିତ୍ୟିକ ମହତ୍ତ୍ୱ ଦୃଷ୍ଟିରୁ ମଧ ବେଦ ବିଶ୍ୱର ସର୍ବପୁରାତନ ଲିଖିତ ସମ୍ପଦ । ଋଗ୍‌ବେଦକୁ ହିଁ ସବୁଠାରୁ ପ୍ରାଚୀନ ଗ୍ରନ୍ଥ ବୋଲି ବିଶ୍ୱର ସମସ୍ତ ବିଦ୍ୱାନ ସ୍ୱୀକାର କରିଛନ୍ତି । ବୈଦିକ ଆଧାରରେ ଭାଷା ଦର୍ଶନ ଓ ଭାଷା ବିଜ୍ଞାନ ବିକଶିତ ଆକାର ପ୍ରାପ୍ତ କରିଛି । ପ୍ରାଚୀନ ସଭ୍ୟତା, ବଂଶ, ଜାତି, ଗଙ୍ଗା ଆଦି ପବିତ୍ର ନଦୀ, ସ୍ଥାନଗୁଡ଼ିକର ଐତିହାସିକ ଓ ଗୌରବଶାଳୀ ସାକ୍ଷ୍ୟ ମଧ ଆମକୁ ବେଦର ଋଚାଗୁଡ଼ିକରେ ହିଁ ପ୍ରାମାଣିକ ରୂପେ ପ୍ରାପ୍ତ ହୋଇଥାଏ ।

**ଅବଶିଷ୍ଟାଂଶ ୫ମ ପୃଷ୍ଠାରେ**

# ସ୍ୱର୍ବେଦ




**ଇଙ୍ଗଲା ପିଙ୍ଗଲା ସୁଷ୍ମନା,**
**ତୀନୋଁ କୋ କର ସମ ।**
**ମନ ଓ୍ୱ ପଓ୍ୱନ ଏକ ସଂଗ ରହେ,**
**ସହଜ ୟୋଗ ଓ୍ୱେ ଗମ ॥୧୫॥**

ଭାଷ୍ୟ - ଯୋଗ ଯୁକ୍ତି ଦ୍ୱାରା ଇଙ୍ଗଳା, ପିଙ୍ଗଳା ଆଉ ସୁଷୁମ୍ନା ଏ ତିନିଙ୍କୁ ସମାନ ଭାବରେ ସ୍ଥିର ରଖି ମନ ଓ ପବନକୁ ଏକତ୍ର କଲେ ସହଜ ଯୋଗର ସାଧନା ପ୍ରାରମ୍ଭ ହୋଇଥାଏ ।

**ସୁରତି ଥକେ ନୀରତି ଥକେ,**
**ଶେଷ କମ୍ପ ହୋୟ ଆୟ ।**
**ଶେଷ କମ୍ପ ସବ ତନୁ ଖସେ,**
**ମେରୁ କମ୍ପ ତବ ଆୟ ॥୧୬॥**

ଭାଷ୍ୟ - ସୁରତି ସ୍ଥିର ହେବା ପରେ ନିରତି ମଧ୍ୟ ନିଜର ମଣ୍ଡଳରେ ଶାନ୍ତ ଏବଂ ସ୍ଥିର ହୋଇଯାଏ ଆଉ ଶେଷ ବେଳକୁ କମ୍ପନ ହେବାରେ ଲାଗେ । ଶେଷର କମ୍ପନରୁ ସମଗ୍ର ଦେହ ସଂଘାତରେ ଆତ୍ମାର ଚେତନ ଉପକ୍ରମ ହେବାରେ ଲାଗେ, ସେତେବେଳେ ମେରୁର କମ୍ପନ ହେବାରେ ଲାଗେ ।

**ମେରୁ କମ୍ପ ସାଗର ମିଲା, ମାୟୁ**
**ପାଟ ଅପାର ।**
**ଦଶେ ଦିଶା ପରିପୂର୍ଣ୍ଣ ହୈ,**
**ସହଜ ୟୋଗ ତତ୍ତ୍ୱ ସାର ॥୧୭॥**

ଭାଷ୍ୟ - ମେରୁର କମ୍ପନରୁ ଶବ୍ଦର ଅନନ୍ତ ମହାସାଗର ପ୍ରାପ୍ତ ହୋଇଥାଏ । ଦଶ ଦିଗରେ ପରିପୂର୍ଣ୍ଣ ଶବ୍ଦର ମଣ୍ଡଳ ପ୍ରାପ୍ତ ହୋଇଥାଏ । ସହଜ ଯୋଗର ଏହି ସାରତତ୍ତ୍ୱ ସାରଶବ୍ଦ ଅଟେ । ଶବ୍ଦ ସତ୍‌ପୁରୁଷଙ୍କୁ କହନ୍ତି ।

**ଲୌ ଲାଗୀ ଅନ୍ତର କଶା, ଅନ୍ତର**
**ଅନ୍ତର ଆୟ ।**
**ଉଠେ ଫୁହାରା ସୋମ କା,**
**ଅମୃତ ପିୟତ ଉଧାୟ ॥୧୮॥**

ଭାଷ୍ୟ - ଅନ୍ତରତର ସାରଶବ୍ଦରେ ଯେତେବେଳେ ପ୍ରେମ ଲାଗିଯାଏ, ସେତେବେଳେ ଚେତନା ଅକ୍ଷରକୁ ଅତିକ୍ରମ କରି ଶବ୍ଦରେ ପହଞ୍ଚିଯାଏ । ତଦୁପରାନ୍ତ ଶବ୍ଦାନନ୍ଦର ଧାରା ପ୍ରବାହିତ ହେବାରେ ଲାଗେ । ସେହି ଅମୃତଧାରାକୁ ପାନକରି ଆତ୍ମା ତୃପ୍ତ ହୋଇଯାଏ । ଶବ୍ଦର ପ୍ରାପ୍ତିରୁ ହିଁ ଜୀବନର ଆନନ୍ଦ ମିଳିଥାଏ ଆଉ ମାନବ ଜୀବନ ପରିପୂର୍ଣ୍ଣ ହୋଇଥାଏ ।


**ଅନହଦ ବାଜା ବାଜତା, ଅକ୍ଷର**
**ଶୋର ମଚାୟ ।**
**ଅମିୟ ବୁନ୍ଦ ଝରି ଲାଇୟା,**
**ଗଗନ ମହଲ ଘହରାୟ ॥୧୯॥**

ଭାଷ୍ୟ - ଯେତେବେଳେ ଆତ୍ମା ଚେତନା ଅନ୍ତରରେ ପ୍ରବେଶ କରେ, ସେତେବେଳେ ବ୍ରହ୍ମାଣ୍ଡରେ ଅନହଦ ତଥା ସହଜ ପ୍ରଦେଶରେ ଅକ୍ଷରର ବିପୁଳ ଧ୍ୱନି ପ୍ରକଟ ହୁଏ ଆଉ ଚେତନ ମଣ୍ଡଳ ଘଡ଼ଘଡ଼ି ଶବ୍ଦକରି ଅମୃତ ବିନ୍ଦୁ ବର୍ଷା କରିଥାଏ ।

**ପ୍ରଥମେ ସୋଧେ ପିଣ୍ଡ କୋ,**
**ଫିର ପୀଛେ ବ୍ରହ୍ମାଣ୍ଡ ।**
**ଚାର ଶୂନ୍ୟ କୋ ପାର କର,**
**ଅନୁଭଓ୍ୱ ଶବ୍ଦ ଅଖଣ୍ଡ ॥୨୦॥**

ଭାଷ୍ୟ - ବିହଙ୍ଗମ ଯୋଗୀ ପ୍ରଥମେ ପିଣ୍ଡକୁ ଦେଖିବା ପରେ ବ୍ରହ୍ମାଣ୍ଡକୁ ଦେଖିଥାଏ । ତତ୍‌ପରେ ଚାରି ଭୂମିକୁ ଅତିକ୍ରମ କରି ଅଖଣ୍ଡ ଶବ୍ଦର ଅନୁଭବ କରିଥାଏ ।

# ପାଣି ପିଇବେ କିପରି ?



**ବି**ଶେଷଜ୍ଞଙ୍କ ମତରେ ବସିଥିବା ସମୟରେ ହିଁ ପାଣି ପିଇବା ସବୁଠୁ ଉତ୍ତମ ପ୍ରକ୍ରିୟା । ତେବେ ଏବର ଜୀବନଶୈଳୀରେ ତରତର ହୋଇ କାମ କରୁଥିବା ଲୋକେ ଛିଡ଼ା ହୋଇ କିମ୍ବା କାମ କରୁଥିବା ବେଳେ ହିଁ ପାଣି ପିଇବାକୁ ଉଚିତ୍ ମଣିଥାନ୍ତି । ଏହା କାରଣରୁ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡିଥାଏ ।

ଚାଲିଚାଲି ପାଣି ପିଇବା ଦ୍ୱାରା ବୃକକ୍ ଖରାପ ହେବାର ଆଶଙ୍କା ସର୍ବାଧିକ । ଏହି ପ୍ରକ୍ରିୟାରେ ପାଣି ପିଇଲେ ବୃକକ୍ ସଂକ୍ରମଣ ହେବାର ଭୟ ରହିଛି ବୋଲି ପରୀକ୍ଷାରୁ ପ୍ରକାଶ ।

ଏପରି ଭାବେ ପାଣି ପିଇଲେ ଖାଦ୍ୟ ଠିକ୍ ଭାବେ ହଜମ ହୁଏନାହିଁ । ଏହା ଦ୍ୱାରା ଖାଦ୍ୟ କୋଲେଷ୍ଟରଲରେ ପରିଣତ ହୋଇ ହୃଦରୋଗ ହେବାର ସମ୍ଭାବନା ସର୍ବାଧିକ ।

ବିଶେଷଜ୍ଞଙ୍କ ମତରେ ଛିଡ଼ା ହୋଇ ପାଣି ପିଇବା ଦ୍ୱାରା ଆମ ଶରୀରର ହାଡ଼, ଗଣ୍ଠିକୁ ଉପଯୁକ୍ତ ପୋଷକତତ୍ତ୍ୱ ମିଳି ନ ଥାଏ । ଏଣୁ ବିନ୍ଧା ସମସ୍ୟା ଉପୁଜିଥାଏ ।

ଏପରି କରୁଥିବା ଲୋକେ ଅଲସର ରୋଗରେ ଆକ୍ରାନ୍ତ ହେଉଥିବାର ପରୀକ୍ଷାରୁ ଜଣାପଡିଛି । ଏହା ସହ କୋଷ୍ଠକାଠିନ୍ୟ ଓ ଅମ୍ଳଜନିତ ଅସୁବିଧା ମଧ ଉପୁଜେ ।

ଏଣୁ ପ୍ରତ୍ୟହ ପାଣି ପିଇବା ସମୟରେ ଏଣେତେଣେ ନ ଚାଲି କିମ୍ବା ଛିଡ଼ା ନ ହୋଇ ବରଂ ଗୋଟିଏ ସ୍ଥାନରେ ବସି ବେଶ୍ ଆରାମରେ ପାଣି ପିଇବା ଉଚିତ୍ ।

# ଭିଟାମିନ୍‌ରେ ଭରପୁର ବ୍ରୋକଲି



**ବ୍ରୋ**କଲି ଏକ କୋବି ଜାତୀୟ ପରିବା । ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପାଦେୟ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ଭରି ରହିଛି । ସ୍ୱାସ୍ଥ୍ୟପ୍ରଦ ପରିବା ହୋଇଥିଲେ ହେଁ, ଏହାକୁ ପ୍ରାୟ ଲୋକ ଖାଇବାକୁ ପସନ୍ଦ କରି ନ ଥାନ୍ତି । ବ୍ରୋକଲି ସହରାଞ୍ଚଳରେ ଉପଲବ୍ଧ ହେଉଥିବା ବେଳେ ଏହାକୁ ଗାଁ ଗହଳିରେ ସେତେ କେହି ଜାଣି ନାହାନ୍ତି ।

ବ୍ରୋକଲି ଦେଖିବାକୁ ଫୁଲକୋବି ପରି କିନ୍ତୁ ଏହାର ରଙ୍ଗ ସବୁଜ । ବ୍ରୋକଲିକୁ ଉଭୟ ତରକାରୀ ଓ କଞ୍ଚା ମଧ ଖାଇ ହୁଏ । ଏହାର ସିଝା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ।

ସ୍ୱାସ୍ଥ୍ୟ ଉପଯୋଗୀ: ବ୍ରୋକଲି ସ୍ୱାସ୍ଥ୍ୟ ପାଇଁ ଉପାଦେୟ । କାହିଁକି ନା ଏଥିରେ ପ୍ରତିରକ୍ଷା ତନ୍ତ୍ରକୁ ମଜବୁତ୍ କରିବାର ଶକ୍ତି ରହିଛି । ଏଥିରେ ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ ମଧ ରହିଛି ।

ବ୍ରୋକଲିରେ କ୍ରୋମିୟମର ଉତ୍ତମ ସ୍ରୋତ ରହିଛି, ଯାହାକି ମଧୁମେହକୁ ନିୟନ୍ତ୍ରଣ କରିବା ସହିତ ଇନସୁଲିନର ଉତ୍ପାଦନକୁ ନିୟନ୍ତ୍ରଣରେ ରଖିଥାଏ ।

ଗବେଷକଙ୍କ ଅନୁସାରେ, ବ୍ରୋକଲିରେ ଭିଟା କ୍ୟାରୋଟିନ୍ ରହିଥିବା ହେତୁ ଆଖିର ମୋତିଆବିନ୍ଦୁ ପାଇଁ ଲାଭପ୍ରଦ ।

ବ୍ରୋକଲିରେ କ୍ୟାଲସିୟମ୍, ଫସଫରସ୍, ମ୍ୟାଗ୍ନେସିୟମ ଓ ଜିଙ୍କ୍ ଥିବାରୁ ଅସ୍ଥିକୁ ମଜବୁତ୍ ରଖେ । ଏହା ବୟସ୍କ ଓ ଗର୍ଭବତୀ ମହିଳାଙ୍କ ପାଇଁ ଅତି ଲାଭଦାୟକ । କାରଣ ଏହା ଆଷ୍ଟିୟୋପୋରୋସିସ୍‌ର ଆଶଙ୍କାକୁ କମ୍ କରିଥାଏ । ବ୍ରୋକଲି ରକ୍ତହୀନତା ଓ ଅଲଜାଇମରରୁ ରକ୍ଷା କରିଥାଏ । କାହିଁକି ନା, ଏଥିରେ ବହୁ ପରିମାଣର ଆଇରନ ଓ ଫ୍ଲୋଲେଟ୍ ମିଳିଥାଏ ।

ଗର୍ଭବତୀ ମହିଳା ବ୍ରୋକଲିକୁ ନିୟମିତ ଖାଦ୍ୟରେ ସାମିଲ କରିବା ଦରକାର । ଏଥିରେ ଫୋଲେଟର ମାତ୍ରା ଅଧିକ ଥିବାରୁ ଭ୍ରୁଣରେ ମସ୍ତିଷ୍କ ସମ୍ବନ୍ଧୀୟ ଦୋଷକୁ ରୋକିବାରେ ସହାୟକ ହୁଏ । ଡାଏଟରେ ବ୍ରୋକଲି ସାମିଲ କରିବା ଫଳରେ ସ୍ତନ କର୍କଟ, ଲଙ୍ଗସ୍ ଓ କୋଲେନ କ୍ୟାନସର ରିସ୍କକୁ କମ୍ କରିଥାଏ । ଏଥିରେ ଫାଇଟୋକେମିକଲ୍ସ ରହିଥିବା ହେତୁ ଆଣ୍ଟି କ୍ୟାନସର ଏବଂ ନ୍ୟୁଟ୍ରିସନାଲ ଭେଜିଟେବୁଲ୍ ରୂପେ ପରିଚିତ । ଫାଇବର, କ୍ରୋମିୟମ ଓ ପୋଟାସିୟମର ଉତ୍ତମ ସ୍ରୋତ ଏଥିରେ ରହିଛି, ଯାହାକି କୋଲେଷ୍ଟ୍ରଲର ସ୍ତରକୁ କମ୍ କରେ ଓ ରକ୍ତଚାପକୁ ନିୟନ୍ତ୍ରଣ କରେ । ବ୍ରୋକଲିରେ କ୍ୟାରୋଟିନାୟଡ୍ ଲ୍ୟୁଟିନ୍ ରହିଛି, ଯାହାକି ହୃଦରୋଗୀଙ୍କ ପାଇଁ ଲାଭପ୍ରଦ । ଏହା ହୃଦଘାତ ଓ ଅନ୍ୟାନ୍ୟ ରୋଗରୁ ଦୂରେଇ ରଖେ । ବ୍ରୋକଲି ଖାଇବା ଦ୍ୱାରା କେବଳ ପୋଷକ ତତ୍ତ୍ୱ ମିଳିଥାଏ । ତାହା ନୁହେଁ ବରଂ ଏଥିରେ ଅଧିକ ପରିମାଣର କ୍ୟାଲୋରି ଥିବାରୁ ଓଜନ କମ୍ କରିବାରେ ବି ସହାୟକ ହୁଏ ।

## ଟିକିଏ ହସନ୍ତୁ

ଶିକ୍ଷକ ରାଜୁକୁ: ମାଇକ୍ରୋସଫ୍ଟ ପ୍ରଡକ୍ଟର ଯେକୌଣସି ୪ଟି ନାମ କୁହ ।
ରାଜୁ: ଏମ୍‌ଏସ୍ ଓ୍ୱାର୍ଡ, ଏମ୍‌ଏସ୍ ଏକ୍ସେଲ୍, ଏମଏସ୍ ପାଓ୍ୱାର ପଏଣ୍ଟ ।
ଶିକ୍ଷକ: ଆଉ ଗୋଟେ କ'ଣ ?
ରାଜୁ କିଛି ସମୟ ଭାବିବା ପରେ: ଏମ୍‌ଏସ୍ ଧୋନୀ ।

× × ×

ସ୍ତ୍ରୀ ସ୍ୱାମୀଙ୍କୁ: ଏତେ ଦିନ ପରେ ଆଜି ମୁଁ ଜାଣିଲି ।
ସ୍ୱାମୀ: କ'ଣ ଜାଣିଲ ?
ସ୍ତ୍ରୀ: ପୁଅ ବହିରେ ଲେଖା ଅଛି ଜିନିଷ ଗରମ ହେଲେ ତାହା କିଛିଟା ସ୍ପ୍ରେଡ ହୁଏ ।
ସ୍ୱାମୀ: ହଁ
ସ୍ତ୍ରୀ: ତା'ମାନେ ମୁଁ ମୋଟି ନୁହେଁ, ବରଂ 'ହଟ୍' ।

× × × ×

ରାଜୁ କୁମ୍ଭମେଳାରେ ହାତ ଯୋଡି କାନ୍ଦି କାନ୍ଦି ପ୍ରାର୍ଥନା କରୁଥାଏ ।
ହେ ପ୍ରଭୁ ନ୍ୟାୟ କର..
ହେ ପ୍ରଭୁ ନ୍ୟାୟ କର..
ସବୁବେଳେ ଏଇ ମେଳାରେ କେତେ କିଏ ହଜି ଅଲଗା ହେଇଛନ୍ତି । କେବେ ତ ସ୍ୱାମୀ-ସ୍ତ୍ରୀଙ୍କୁ ଅଲଗା କର... ।



× × × ×

ପାର୍ଟିରେ ସ୍ୱାମୀ ହସି ହସି ଜଣେ ମହିଳାଙ୍କ ସହ କଥା ହେବାର ଦେଖି
ସ୍ତ୍ରୀ: ଚାଲ ଘରକୁ ଜଲଦୀ ଯିବା । ତମ ଦେହରେ ଔଷଧ ଲଗାଇବାର ଅଛି ।
ସ୍ୱାମୀ: ହେଲେ ମୋର ତ କିଛି ହେଇନି ।
ସ୍ତ୍ରୀ: ଘରେ ପହଞ୍ଚିଲା ପରେ ହେଇଯିବ ।

× × × ×

ରାମୁକୁ କିଛି ଲୋକ ଅପହରଣ କରି ନେଇ ଏକ ଘରେ ବନ୍ଦ କରି ବାହାରକୁ ଚାଲିଗଲେ ।
ଗଲାବେଳେ କହିଲେ – ଆମେ ଯାଉଛୁ । ଚାଲାକି କଲେ ଜୀବନରେ ମାରିଦେବୁ ।
ସନ୍ଧ୍ୟାବେଳେ ଅପହରଣକର୍ତ୍ତା ଫେରି ରାମୁକୁ– କିଛି ଚାଲାକି କରିବାକୁ ଚେଷ୍ଟା କରିନୁ ତ ?
ରାମୁ- ନା । ଖାଲି ଯାହା ଭୋକ ଲାଗିବାରୁ ପଛପଟ ଝରକା ଦେଇ ଘରକୁ ଗଲି । ଆଉ ଖାଇଦେଇକି ଚାଲିଆସିଲି ।

× × × ×

ରାଜେଶ ମହେଶକୁ– ଦୁଇ ମାସ ତଳେ ମୁଁ ତୋ ନମ୍ବର ପ୍ଲେଟ୍‌ରେ ଦେଖିଥିଲି ବିଏ ଲେଖା ହେଇଥିଲା । ଏବେ କ'ଣ ଏମ୍ ଲେଖି ଦେଲୁଣି । ଦୁଇ ମାସରେ କ'ଣ ତୁ ଦୁଇ ବର୍ଷର ଡିଗ୍ରୀ ହାସଲ କରିଦେଲୁ ?
ମହେଶ – ନା, ସେମିତି କିଛି ନୁହଁ ।
ଦୁଇ ମାସ ତଳେ ମୋ ସ୍ତ୍ରୀ ବାପଘର ଯାଇଥିଲା । ତେଣୁ ଲେଖିଥିଲି ବ୍ୟାଚଲର୍ ଅଗେନ୍(ବିଏ) । ଏବେ ସେ ଆସିଗଲାଣି ।
ତେଣୁ ଲେଖିଦେଲି ମ୍ୟାରେଡ୍ ଅଗେନ୍(ଏମ୍) ।

# ଅଷ୍ଟାଦଶ ବିଦ୍ୟାର ଉତ୍ପାଦକ...

(ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ବେଦର ଶାସ୍ତ୍ରୀୟ ମହତ୍ତ୍ୱକୁ ଦେଖି ସାରା ବିଶ୍ୱର ବିଜ୍ଞ ସମାଜ ଅଭିଭୂତ କାରଣ ଏଥିରେ ଦାର୍ଶନିକ ସିଦ୍ଧାନ୍ତ, ଅଧାତ୍ମ, ମନୋବିଜ୍ଞାନ, ଆୟୁର୍ବେଦ, ରାଜନୀତି ଶାସ୍ତ୍ର, ସମାଜ ଶାସ୍ତ୍ର, ଗଣିତ, ରସାୟନ ଶାସ୍ତ୍ର, ବନସ୍ପତି ଶାସ୍ତ୍ର, ପ୍ରାଣୀବିଜ୍ଞାନ, ଭୂଗର୍ଭ ବିଜ୍ଞାନ, ଦୃଷ୍ଟି ବିଜ୍ଞାନ, ଅର୍ଥଶାସ୍ତ୍ର, ନାଟ୍ୟଶାସ୍ତ୍ର, କାମଶାସ୍ତ୍ର, ପ୍ରୌଦ୍ୟୋଗିକୀ, ଭାଷା ବିଜ୍ଞାନ ଓ ବିଭିନ୍ନ କଳା ସହିତ ସଂବଦ୍ଧ ଅନେକ ମନ୍ତ୍ରର ସାକ୍ଷାତ୍‌କାର ହୋଇଥାଏ ।

ସମସ୍ତ ବିଦ୍ୟାର ସ୍ରୋତ ଏଥିରୁ ପ୍ରସ୍ଫୁଟିତ ହୋଇଛି । ସେଥି ପାଇଁ ଆମର ଋଷି-ମୁନିଗଣ ବେଦକୁ ସର୍ବଜ୍ଞାନମୟୋ ହି ସ' କହି ଏହାର ଅବଗାହନ ଓ ଅନୁଶୀଳନର ସମୃଦ୍ଧ ପଦ୍ଧତି ନିର୍ମାଣ କରିଛନ୍ତି ତଥା ଏହାକୁ ସ୍ଥାପନା କରିଛନ୍ତି । ପ୍ରାଚୀନ ଗୁରୁକୁଳ, ଆରଣ୍ୟକ, ବିଶ୍ୱବିଦ୍ୟାଳୟ ଆଦି ଶିକ୍ଷଣ ସ୍ଥାନଗୁଡ଼ିକର ଉଦ୍‌ଭବ, ବିକାଶ ଓ ବୈଭବ ପ୍ରାପ୍ତି ପଛରେ ମୂଳ କାରଣ ରୂପେ ବେଦରେ ସମାହିତ ଶାସ୍ତ୍ରୀୟ ତତ୍ତ୍ୱଦର୍ଶନ ହିଁ ରହିଛି ।

ଭାରତୀୟ ସମାଜ ବ୍ୟବସ୍ଥା, ନ୍ୟାୟ ବ୍ୟବସ୍ଥା ଓ ରାଜନୀତି ଶାସ୍ତ୍ରର ପ୍ରାରମ୍ଭିକ ସ୍ୱର ବେଦରେ ହିଁ ଗୁଞ୍ଜିତ ହୋଇଛି । ରାଜ୍ୟ ସିଦ୍ଧାନ୍ତ, ରାଜ୍ୟ ଓ ରାଜାର କର୍ତ୍ତବ୍ୟ, ନିର୍ବାଚନ, ନ୍ୟାୟ ବିଧାନ, ସଞ୍ଚାଳନର ନୀତି, ଦଣ୍ଡ ପ୍ରକ୍ରିୟା, ଗୁପ୍ତଚର ଓ ସୈନ୍ୟ ବ୍ୟବସ୍ଥା, ପ୍ରଜାଙ୍କ କର୍ତ୍ତବ୍ୟ, ଶାସନର ବିଭିନ୍ନ ପ୍ରଣାଳୀ ଭଳି ଅନେକ ରାଜନୀତି ଶାସ୍ତ୍ର ସହ ସଂବଦ୍ଧ ଜ୍ଞାନର ସ୍ରୋତ ବୈଦିକ ସାହିତ୍ୟର ମହତ୍ତ୍ୱକୁ ବଢ଼ାଇଥାଏ ।

ସାମାଜିକ ଓ ଆର୍ଥିକ କ୍ଷେତ୍ରର ବ୍ୟବସ୍ଥାର ଆଦର୍ଶବାଦୀ ସୂତ୍ର ଏବଂ ସିଦ୍ଧାନ୍ତଗୁଡ଼ିକର କେନ୍ଦ୍ର ମଧ ବେଦରେ ହିଁ ମହଜୁଦ ଅଛି । କୃଷି, ବ୍ୟବସାୟ, ବାଣିଜ୍ୟ, ମାପ-ତଉଲ, ମୁଦ୍ରା, ଶିଳ୍ପ, ଆଭୂଷଣ ଆଦି ସମ୍ବନ୍ଧରେ ଅନେକ ମନ୍ତ୍ରରେ ବର୍ଣ୍ଣନ ରହିଛି ।

ଧାର୍ମିକ, ସାଂସ୍କୃତିକ ଓ ଆଧାତ୍ମିକ ମହତ୍ତ୍ୱ ଦୃଷ୍ଟିରୁ ତ ବେଦର ସ୍ଥାନ ସର୍ବୋପରି । ଏହା ସନାତନ ଧର୍ମ– ସଂସ୍କୃତିର ଆଧାରଶିଳା । ଧର୍ମ, ଯୋଗ ଓ ଅଧାତ୍ମ ତତ୍ତ୍ୱ ଜ୍ଞାନର ଏକମାତ୍ର ପ୍ରାମାଣିକ ସ୍ରୋତ ହେଉଛି ବେଦ । ହିନ୍ଦୁ ଧର୍ମର ମୂଳ ତତ୍ତ୍ୱ, ସିଦ୍ଧାନ୍ତ ଓ ସ୍ୱରୂପର ଉଦ୍‌ଗମ ସ୍ଥଳ ମଧ ବେଦ– 'ବେଦୋଽଖିଲୋ ଧର୍ମମୂଳମ୍ ।'

ଆଧୁନିକ ବିଜ୍ଞାନ ଓ ବୈଜ୍ଞାନିକ ପ୍ରଣାଳୀଗୁଡ଼ିକ ଦୃଷ୍ଟିରୁ ମଧ ବୈଦିକ ଜ୍ଞାନ-ବିଜ୍ଞାନର ଅତ୍ୟନ୍ତ ମହତ୍ତ୍ୱ ରହିଛି । ଭୌତିକୀ, ରସାୟନ, ଚିକିତ୍ସା, ଗଣିତ, ପ୍ରାଣୀ ବିଜ୍ଞାନ, ବ୍ରହ୍ମାଣ୍ଡ ବିଜ୍ଞାନ ଭଳି ବିଜ୍ଞାନର ସମସ୍ତ ପ୍ରମୁଖ କ୍ଷେତ୍ରର ଗୁହ୍ୟ ଓ ଧାର୍ମିକ ସୂତ୍ର ଏବଂ ସିଦ୍ଧାନ୍ତର ଅନ୍ୱେଷଣ ତଥା ପ୍ରକାଶନ ଦ୍ୱାରା ସମଗ୍ର ବିଶ୍ୱ ସମୁଦାୟ ସମୟ ସମୟରେ ବିସ୍ମିତ, ଚମତ୍କୃତ ହୋଇ ଋଷି ପ୍ରଜ୍ଞା ପ୍ରତି କୃତଜ୍ଞତା ପ୍ରକଟ କରି ଆସୁଛି ।

ପ୍ରକୃତରେ ସମ୍ପୂର୍ଣ୍ଣ ମାନବ ଜାତିକୁ ବୈଦିକ ଜ୍ଞାନ ପ୍ରତି କୃତଜ୍ଞ ରହିବା ଉଚିତ । କାରଣ ଏହା ହିଁ ଏମିତି ଏକମାତ୍ର ଶାସ୍ତ୍ର, ଯାହାର ଉଦ୍ଦେଶ୍ୟ ହେଉଛି ବିଶ୍ୱ ବସୁଧାର ପରମ କଲ୍ୟାଣ ଏବଂ ବିନା କୌଣସି ଭେଦଭାବରେ ଅଞ୍ଚଳ ବିଶ୍ୱରେ ମହଜୁଦ ଥିବା ମାନବ ଜାତିର ସାଂସାରିକ ଓ ଆଧାତ୍ମିକ ଜୀବନର ଚରମ ବିକାଶର ଉପଦେଶ ଦେବା ।

ଏହି ଜ୍ଞାନ ଆଦିକାଳରୁ ଅଦ୍ୟତନ ମାନବ ମାତ୍ରର ଅନ୍ତଃ-ବାହ୍ୟ ସମସ୍ତ ଆହ୍ୱାନର ସମାଧାନ କରିବାରେ ସମର୍ଥ ହୋଇଛି ଏବଂ ସତତ ଏକ ଆଦର୍ଶ ଜୀବନର ପ୍ରେରଣା, ପ୍ରକାଶ ଓ ପଥ ପ୍ରଦର୍ଶକ ହୋଇ ଆମ ମଧରେ ବିଦ୍ୟମାନ ରହିଛି ।

# ଦହିର ଉପକାରିତା

ଦହିରେ ବହୁ ପ୍ରକାର ପୌଷ୍ଟିକ ତତ୍ତ୍ୱ ଗଚ୍ଛିତ ରହିଛି । ଯାହାକି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭପ୍ରଦ । ଏଥିରେ କ୍ୟାଲସିୟମ୍, ପ୍ରୋଟିନ୍, ଲ୍ୟାକ୍ଟୋଜ, ଆଇରନ, ଫସ୍‌ଫରସ୍ ଏବଂ ଭିଟାମିନ୍ ରହିଛି । ଡାକ୍ତରଙ୍କ ମତରେ କ୍ଷୀରଠାରୁ ଦହି ସ୍ୱାସ୍ଥ୍ୟ ପାଇଁ ବେଶୀ ହିତକର । ଦହିରୁ କ୍ଷୀର ଅପେକ୍ଷା ଅଧିକ କ୍ୟାଲସିୟମ୍ ମିଳିଥାଏ । ଦହିରୁ ମିଳୁଥିବା ଫସଫରସ୍ ଭିଟାମିନ୍ 'ଡି' ଶରୀର ଲାଗି ଲାଭକାରୀ ।

ଅସ୍ଥି ପାଇଁ ଫଳପ୍ରଦ : ଦହିରୁ କ୍ୟାଲସିୟମ ବେଶୀ ପରିମାଣରେ ମିଳିଥାଏ । ତେଣୁ ଏହା ଅସ୍ଥି ରୋଗ ପାଇଁ ହିତକର । ଦହି ଖାଇବା ଦ୍ୱାରା ଦାନ୍ତ ମଜବୁତ୍ ହୁଏ । ଏଥିରେ ଅଷ୍ଟିଯୋପୋରସିସ୍ ବା ଅସ୍ଥିସୁଶୀରତା ସମସ୍ୟା ଦୂର ହୋଇଥାଏ ।

ପେଟକୁ ଭଲ : ଦହି ପେଟ ପାଇଁ ଲାଭଦାୟକ । ପେଟର ସମସ୍ତ ରୋଗ ଦୂର କରିଥାଏ । ଏଣୁ ନିୟମିତ ଆହାରରେ ଦହି ପ୍ରଚୁର ଖାଇବା ଉଚିତ୍ । ପେଟରେ ଯେତେବେଳେ ଉପକାରୀ ବ୍ୟାକ୍ଟେରିଆ କମି ଯାଆନ୍ତି ସେତେବେଳେ ଭୋକ କମିଯାଏ । ଏହା ଦ୍ୱାରା ଶାରୀରିକ ସମସ୍ୟା ସୃଷ୍ଟି ହୁଏ । ଦହିରୁ ବେଶୀ ଉପକାରୀ ବ୍ୟାକ୍ଟେରିଆ ମିଳିଥାଏ । ପେଟକୁ ପୁରା ଠିକ୍ ରଖିବା ସହ ଖାଦ୍ୟ ହଜମ କରିବାରେ ସହାୟକ ହୋଇଥାଏ । ଦହିରେ ଜୁଆଣି ମିଶାଇ ପିଇବା ଦ୍ୱାରା କୋଷ୍ଠ କାଠିନ୍ୟ



ଦୂର ହୁଏ ।

ଅନ୍ୟାନ୍ୟ ଲାଭ : ଦହି ପାଣି ପିଇବା ଫଳରେ ପାଚନ କ୍ଷମତା ବୃଦ୍ଧି ପାଏ ଏବଂ କ୍ଷୁଧା ବଢ଼ାଇବାରେ ସାହାଯ୍ୟ କରିଥାଏ ।

ସର୍ଦ୍ଦି ଓ କାଶ କାରଣରୁ ଶ୍ୱାସ ନଳୀରେ ସଂକ୍ରମଣ ହୋଇଥିଲେ ସେଥିରୁ ରକ୍ଷା ପାଇବା ଲାଗି ଦହି ଖାଆନ୍ତୁ ।

ପାଟି ଦୁର୍ଗନ୍ଧ ହେଉଥିଲେ ଦହି ପାଣିରେ କୁଳି କରି ପାଟି ସଫା କରନ୍ତୁ ।

ଦହି ଖାଇଲେ କୋରୋନରୀ ଆର୍ଟରୀ ରୋଗ ଏବଂ କୋଲେଷ୍ଟୋରଲ କମ୍ ହୋଇଥାଏ ।

ଗରମ ଦିନରେ ଦହି ଓ ଦହି ପାଣି ପିଇବା ଲାଭଦାୟକ । ଏହା ଶରୀରରେ ଜଳୀୟ ଅଂଶ ବୃଦ୍ଧି କରେ ।

ଅଂଶୁଘାତରୁ ରକ୍ଷା ନିମନ୍ତେ ଦହି ପାଣି ବେଶ୍ ଉପଯୋଗୀ ।

# ଦେହକୁ ଭଲ କଦଳୀ

ଉପାଦେୟ ଏବଂ ସ୍ୱାଦିଷ୍ଟ ଫଳ ମଧ୍ୟରୁ କଦଳୀ ଅନ୍ୟତମ । ସବୁ ବୟସର ଲୋକଙ୍କ ପାଇଁ ଏହା ଉପାଦେୟ ଖାଦ୍ୟ । ଏହା ବଳବର୍ଦ୍ଧକ, ସ୍ୱାସ୍ଥ୍ୟ ଓ ତ୍ୱଚାରକ୍ଷକ । ଏହାର ବୈଶିଷ୍ଟ୍ୟ ହେଲା ଏହା କ୍ଷୁଧା ନିବାରକ । ଏଥିରେ କ୍ୟାଲସିୟମ, ମ୍ୟାଗ୍ନେସିୟମ, ପୋଟାସିୟମ ପରି ଖଣିଜ ସହ ଭିଟାମିନ୍ ବି-୬ ଏବଂ ଶରୀର ପାଇଁ ଆବଶ୍ୟକ ହେଉଥିବା କାର୍ବୋହାଇଡ୍ରେଟ, ଫାଇବର, ରେଜିଷ୍ଟାଣ୍ଟ ଷ୍ଟାର୍ଚ ପରି ବହୁ ମହତ୍ତ୍ୱପୂର୍ଣ୍ଣ ପୋଷକତତ୍ତ୍ୱ ପ୍ରଚୁର ପରିମାଣରେ ରହିଥାଏ । ପ୍ରତିଦିନ ଗୋଟିଏ ଲେଖାଏଁ କଦଳୀ ଖାଉଥିବା ବ୍ୟକ୍ତି ସହଜରେ ବେମାର ହୁଅନ୍ତି ନାହିଁ ବୋଲି କୁହାଯାଏ ।



ରୋଗୀମାନଙ୍କ ପାଇଁ ଏହା ଏକ ଉତ୍ତମ ଆହାର । କଦଳୀରେ ଥିବା ଫାଇବର ପାଚନ ତନ୍ତ୍ରକୁ ଠିକ୍ କରେ । ଫଳରେ ଖାଦ୍ୟ ଭଲ ଭାବରେ ହଜମ ହୁଏ ।

ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିବାର କ୍ଷମତା କଦଳୀର ଅଛି । ଏଥିରେ ଥିବା ପୋଟାସିୟମ ରକ୍ତବାହିକା ମାଧ୍ୟମରେ ରକ୍ତ ପ୍ରବାହର ଗତିକୁ ହ୍ରାସ କରିବାରେ ସହାୟକ ହୁଏ ।

ହୃଦରୋଗୀମାନଙ୍କ ପାଇଁ କଦଳୀ ଅତ୍ୟନ୍ତ ଉପକାରୀ । ହୃଦଘାତ ଆଶଙ୍କା ହ୍ରାସ କରେ । କଦଳୀରେ ଥିବା ମ୍ୟାଗନେସିୟମ ହାଡ଼ର ବିକାଶରେ ସାହାଯ୍ୟ କରେ ଏବଂ ତାକୁ ମଜଭୁତ କରେ ।

ସୁସ୍ଥ ମସ୍ତିଷ୍କ ପାଇଁ ଭିଟାମିନ୍ ବି-୬ ଅତ୍ୟନ୍ତ ଜରୁରୀ । ଏହା କଦଳୀରେ ଥାଏ । ହିମୋଗ୍ଲୋବିନ ମାତ୍ରା ବଢ଼ାଏ ଏବଂ ରକ୍ତହୀନତା ଦୂର କରେ । ଏଥିରେ ଥିବା ଆମିନୋ ଏସିଡ ମାନସିକ ଚାପ ହ୍ରାସ କରେ ।

# ଲେମ୍ବୁପାଣିର ଲାଭ

ଲେମ୍ବୁ ପାଣି ସ୍ୱାସ୍ଥ୍ୟ ପାଇଁ ଭଲ । ଗଣ୍ଠି ସମସ୍ୟା ଥିଲେ ନିୟମିତ ସକାଳେ ଖାଲି ପେଟରେ ଲେମ୍ବୁ ପାଣି ପିଅନ୍ତୁ । ଫୁଲା ଓ ଯନ୍ତ୍ରଣା କମିବ ।

ହଜମ୍, କୋଷ୍ଠକାଠିନ୍ୟ ସମସ୍ୟାକୁ ଏହା ଦୂର କରେ । ରୋଗ ପ୍ରତିରୋଧକ ଶକ୍ତି କମାଏ । ଲେମ୍ବୁରେ ଥିବା ପେକଟିନ୍ ତନ୍ତୁ କୀଟାଣୁ ପ୍ରତିରୋଧୀ । ନିୟମିତ ଉଷୁମ ଜଳରେ ଲେମ୍ବୁ ରସ ପକାଇ ପିଅନ୍ତୁ । ଅନ୍ତ୍ର ସୁସ୍ଥ ରହିବ ଏବଂ ସଂକ୍ରମଣ ଆଶଙ୍କା କମିବ । ସ୍ନାୟୁ ଓ ସୁସ୍ଥ ମସ୍ତିଷ୍କ ପାଇଁ ମଧ ଏହା ଭଲ । ପ୍ରତି ଦିନ ଥରେ ଲେମ୍ବୁ ରସ ମିଶ୍ରିତ ଜଳ ପିଉଥିବା ବ୍ୟକ୍ତିଙ୍କୁ ସର୍ଦ୍ଦି ଓ କାଶ ଆଶଙ୍କା କମ୍ । ଏହା ଦୃଷ୍ଟି ଶକ୍ତି ବଢ଼ାଏ ।



# ଚାଉଳ ପାଣି ପିଇବାର ଉପାଦେୟତା

ଖାଦ୍ୟ ବିଶେଷଜ୍ଞଙ୍କ ମତରେ ବିଶ୍ୱର ଅନ୍ୟ ପ୍ରାନ୍ତ ତୁଳନାରେ ଭାରତୀୟ ଲେକେ ହିଁ ଚାଉଳ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ଖାଇଥାନ୍ତି । ସେଥିପାଇଁ ଭାରତୀୟମାନେ ବେଶ୍ ପରିଶ୍ରମୀ । ପ୍ରାଚୀନ ସମୟରେ ଭିନ୍ନ ଭିନ୍ନ ପ୍ରାନ୍ତର ଲୋକେ ଚାଉଳ ପାଣିକୁ ନିୟମିତ ପିଉଥିଲେ । ଶରୀର ପ୍ରତି ଉପାଦେୟ ଏହି ଚାଉଳ ପାଣିର ଆବଶ୍ୟକତା ଏବର ଲୋକେ ବୁଝିବା ନିତାନ୍ତ ଆବଶ୍ୟକ ।



ଚାଉଳ ପାଣି ନିୟମିତ ପିଇଲେ ତାହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ତୁରନ୍ତ ଶକ୍ତି ପ୍ରଦାନ କରିଥାଏ ।

ଅନେକ ବର୍ଷ ତଳେ ବଇଦମାନେ ପିଲା ବୟସ୍କଙ୍କୁ ଡାଇରିଆ ରୋଗ ହେଲେ ଏହି ପାନୀୟକୁ ପିଇବାକୁ ପରାମର୍ଶ ଦେଉଥିଲେ ।

ସକାଳବେଳା ଏହି ପାଣି ୧ ଗିଲାସ ପିଇଲେ ତାହା ବିଭିନ୍ନ ସମସ୍ୟାରୁ ମୁକ୍ତି ଦେଇଥାଏ ।

ଫାଇବରରେ ପୂର୍ଣ୍ଣ ଏହି ଚାଉଳ ପାଣି କୋଷ୍ଠକାଠିନ୍ୟ ସମସ୍ୟା ଦୂର କରିବା ସହ ହଜମ ପ୍ରକ୍ରିୟାକୁ ଶକ୍ତି ପ୍ରଦାନ କରେ ।

ବିଭିନ୍ନ ପ୍ରକାର ସଂକ୍ରାମକ ରୋଗରୁ ମଧ ଚାଉଳ ପାଣି ପିଇଲେ ଶରୀରକୁ ରକ୍ଷା ମିଳୁଥିବାର ବିଶେଷଜ୍ଞଙ୍କ ମତ ।

ଅର୍ଶ ରୋଗୀ ପ୍ରତ୍ୟହ ଏହି ପାଣି ପିଇଲେ ସେମାନଙ୍କ କଷ୍ଟ ଦୂର ହୁଏ ।

ଏହି ପାଣିରେ ସୋଡିୟମ କମ୍ ପରିମାଣରେ ଥିବାରୁ ତାହା ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ମଧ ଲାଭଦାୟକ ।

ଏହା ସହ ଏହି ପାନୀୟ ପିଇବା ଦ୍ୱାରା ଶରୀରରେ ଜଳୀୟ ସ୍ତର ଠିକ୍ ରହିଥାଏ ବୋଲି ବିଶେଷଜ୍ଞଙ୍କ ପରୀକ୍ଷାରୁ ପ୍ରକାଶିତ ।

# ହୃଦ୍‌ଘାତ ଆଶଙ୍କା କମ୍ କରେ ଶାଗ !

ଷ୍ଟ୍ରୋକ୍ ଆଶଙ୍କା କମ୍ କରିବା ପାଇଁ ସବୁଜ ପତ୍ରଥିବା ପରିବା ସେବନ କରିବା ଉଚିତ । ଆମେରିକୀୟ ଗବେଷକଦଳ ଏକ ଗବେଷଣାରୁ ଏହା ଜାଣିବାକୁ ପାଇଛନ୍ତି । କଣ୍ଟ୍ରାସେରେବ୍ରାଲ୍ ହାମରେଜ୍‌ର ସମସ୍ୟା ଏବେ ନାଇଜେରିଆ ଏବଂ ଘାନାବାସୀଙ୍କ ମଧ୍ୟରେ ତୀବ୍ର ବେଗରେ ବଢ଼ି ଚାଲିଛି । ଏହି ରୋଗରେ ଗ୍ରସିତ ୯୦ ପ୍ରତିଶତ ରୋଗୀଙ୍କ ମଧ୍ୟରେ ଉଚ୍ଚ ରକ୍ତଚାପର ସମସ୍ୟା ଦେଖିବାକୁ ମିଳିଛି । ଏମାନଙ୍କ ଠାରେ ମରଣାନ୍ତକ ଷ୍ଟ୍ରୋକ୍ ଅଧିକାଂଶ ସମୟରେ ଦେଖିବାକୁ ମିଳିଥାଏ । କିନ୍ତୁ ଗବେଷଣା ମାଧ୍ୟମରେ ସାମ୍ନାକୁ ଆସିଛି, ଯେଉଁ ଲୋକମାନେ ଏହି ପରିବା ଖାଇଥାନ୍ତି, ସେମାନଙ୍କ ଠାରେ ୬୪ ପ୍ରତିଶତ ପର୍ଯ୍ୟନ୍ତ ଷ୍ଟ୍ରୋକ୍ ଆଶଙ୍କା ହ୍ରାସ ପାଇଥାଏ । ୬୮ ୨ ଜଣ ରୋଗୀଙ୍କ ଉପରେ ଏହି ଗବେଷଣା କରାଯାଇଥିଲା ।



ଏମାନଙ୍କ ମଧ୍ୟରୁ ସମସ୍ତେ କେବେ ନା କେବେ ସାମାନ୍ୟ ଷ୍ଟ୍ରୋକ ଅନୁଭବ କରିଥିବା ବେଳେ ୩୨.୨ ପ୍ରତିଶତ ଲୋକ ବ୍ଲିଡିଙ୍ଗ୍ ଷ୍ଟ୍ରୋକର ସମ୍ମୁଖୀନ ହୋଇଥିଲେ । ଏମାନଙ୍କୁ ଦୀର୍ଘ ଦିନ ଧରି ବିଭିନ୍ନ ପ୍ରକାର ଶାଗରେ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା । ଏଥିରେ ଆଶ୍ଚର୍ଯ୍ୟଜନକ ପରିଣାମ ସାମ୍ନାକୁ ଆସିଥିଲା । ଏମାନଙ୍କ ଠାରେ ଷ୍ଟ୍ରୋକ୍ ଆଶଙ୍କା ୬୭ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଥିଲା ।

## ଆପଣ ଜାଣନ୍ତି କି ?

- ବିନ୍‌ସ ଜାତୀୟ ଫସଲ ଉତ୍ପାଦନରେ ବିଶ୍ୱରେ ଭାରତର ସ୍ଥାନ ପ୍ରଥମ । ସେହିଭଳି କଦଳୀ ଉତ୍ପାଦନରେ ମଧ ପ୍ରଥମ ଥିବାବେଳେ ବ୍ରାଜିଲ୍ ଦ୍ୱିତୀୟ ସ୍ଥାନରେ ରହିଛି ।
- ଭାରତରେ ବିଶ୍ୱର ସର୍ବାଧିକ ସଂଖ୍ୟକ ୧,୫୦,୦୦୦ ଡାକଘର ରହିଛି ।
- ଭାରତୀୟ ସିନେମା ଇଣ୍ଡଷ୍ଟ୍ରି ବିଶ୍ୱର ସବୁଠୁ ବଡ଼ ଇଣ୍ଡଷ୍ଟ୍ରି । ଏହା ଅନେକଙ୍କ ପାଇଁ ଏକ ସ୍ୱପ୍ନର ନଗରୀ ।
- ବିଶ୍ୱର ସର୍ବାଧିକ ଦୁଗ୍ଧ ଉତ୍ପାଦନକାରୀ ଦେଶମାନଙ୍କ ମଧ୍ୟରେ ଭାରତ ପ୍ରଥମ ।
- ଭାରତୀୟ ରେଳ ନେଟୱାର୍କ୍ ବିଶ୍ୱର ଦ୍ୱିତୀୟ ବୃହତ୍ ରେଳ ନେଟୱାର୍କ୍ ।
- ମସ୍ତିଷ୍କରେ ଯଦି ୫ ରୁ ୧୦ ମିନିଟ୍ ଯାଏଁ ଅମ୍ଳଜାନର ଅଭାବ ଦେଖାଦିଏ, ତେବେ ତାହା ସ୍ଥାୟୀ ଭାବେ ଅକାମୀ ହୋଇଯିବ ।
- ୪୦ ବର୍ଷ ଯାଏଁ ମଣିଷର ମସ୍ତିଷ୍କ ବିକାଶ ଲାଭ କରିଥାଏ ।
- ଆମ ମସ୍ତିଷ୍କ ସମୁଦାୟ ଅମ୍ଳଜାନ ୨୦ ପ୍ରତିଶତ ବ୍ୟବହାର କରିଥାଏ ।
- ଜାଗ୍ରତ ଥିବାବେଳେ ଆମେ ମସ୍ତିଷ୍କରୁ ଯେତିକି ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇଥାଏ ତାହା ଏକ ଛୋଟ ବଲ୍‌ବ ଜଳାଇବାକୁ ସମର୍ଥ ।
- ଏକ ସେନାବାହିନୀ ଉପରେ ବୋମାବର୍ଷୀ ବିମାନ ଯେପରି ପ୍ରଭାବ ପକାଇଥାଏ, ଛୋଟ ପିଲାଟିଏ ଉପରେ ସମାନ ପ୍ରଭାବ ପକାଇଥାଏ ପ୍ରାୟତଃ ଝଗଡା ଲାଗି ରହୁଥିବା ଗୋଟିଏ ପରିବାର ।
- ସକାଳୁ ଉଠିବା ପାଇଁ କଫି ପିଇବା ଅପେକ୍ଷା ସେଓ ଖାଇବା ଅଧିକ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଥାଏ ।

## କହିପାରିବେ କି ?

(୧) କେଉଁ ଦେଶରେ ସର୍ବାଧିକ ବାର୍ଲି ଉତ୍ପାଦନ ହୋଇଥାଏ ?
(୨) ସରାବତୀ ପ୍ରୋଜେକ୍ଟ କେଉଁଠାରେ ଅବସ୍ଥିତ ?
(୩) କଫି ବୋର୍ଡର ହେଡ୍ କ୍ୱାଟର କେଉଁଠାରେ ଅବସ୍ଥିତ ?
(୪) କ୍ଲୋରୋଫର୍ମର ରାସାୟନିକ ନାଁ କ'ଣ ?
(୫) ପଞ୍ଜାବ କାହିଁକି ବେଶୀ ପ୍ରସିଦ୍ଧ ?
(୬) ତାମିଲନାଡୁର କେଉଁ ସହର କଟନ୍ ଇଣ୍ଡଷ୍ଟ୍ରି ପାଇଁ ବେଶୀ ପ୍ରସିଦ୍ଧ ?
(୭) କେଉଁ ରାଜ୍ୟରେ ସବୁଠୁ ଅଧିକ କଟନ୍ ଟେକ୍ସଟାଇଲ୍ ରହିଛି ?
(୮) ସୌରମଣ୍ଡଳରେ ସବୁଠାରୁ ଉତ୍ତପ୍ତ ଗ୍ରହର ନାଁ କ'ଣ ?
(୯) ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ମୁସଲିମ୍ ରାଷ୍ଟ୍ରପତି କିଏ ?
(୧୦) 'ଜଣେ ବ୍ୟକ୍ତି, ଗୋଟିଏ ରାଜ୍ୟ ଏବଂ ଗୋଟିଏ ଶାସକ' ଏହା କାହାର ନୀତି ଥିଲା ?

### JUMBLE WORDS

| | | | |
|---|---|---|---|
| 1) CNAKR | = | 6) FUTFS | = |
| 2) SOIRV | = | 7) LAGIOE | = |
| 3) CTEEIX | = | 8) NARPYT | = |
| 4) DOLMUE | = | 9) GABYG | = |
| 5) OTMTO | = | 10) DEMMO | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ପ୍ରାୟ ୮ ମିଟର, ୨. ୨୦୬, ୩. ଶ୍ୱେତ ରକ୍ତକଣିକା, ୪. କାନ, ୫. ମାଂସପେଶୀ, ୬.୬୬ ପ୍ରତିଶତ, ୭.ଜଂଘ, ୮. ତ୍ୱଚା, ୯.ଦୁଇ ପେଟରୁ ବକ୍ରାକାର, ୧୦. ବହିଶ୍ଚର୍ମ ।

***Jumble Words*** ର ଉତ୍ତର **:-**

(1) HAMPER (2) WOBBLE (3) VOICE (4) FLOCK (5) STIGMA
(6) SPRING (7) SWUNG (8) TALLY (9) TALLER (10) FRIGID

# ସମ୍ବଲପୁର ଜିଲ୍ଲା ପାଠାଗାରରେ ଏବେ କର୍ମଚାରୀ ଶୂନ୍ୟ

ସମ୍ବଲପୁର: ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଜିଲା ପାଠାଗାର ସରକାରୀ ଅବହେଳାର ଶିକାର ହୋଇ ପଡିରହିଛି । ଏହି ପାଠାଗାରରେ ବହୁ ସଂଖ୍ୟାରେ ଉପାଦେୟ ପୁସ୍ତକ ଗଚ୍ଛିତ ହୋଇ ରହିଛି । ହେଲେ ଆଶ୍ଚର୍ଯ୍ୟର ବିଷୟ ପାଠାଗାରରେ ଜଣେ ବି କର୍ମଚାରୀ ନାହାନ୍ତି । ଏହି ପାଠାଗାରରେ କିଛି ବର୍ଷ ପୂର୍ବରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ବସି ବିଭିନ୍ନ ପୁସ୍ତକ ପଢୁଥିଲେ । ଗବେଷକମାନେ ପାଠାଗାରରେ ଥିବା ମୂଲ୍ୟବାନ ପୁସ୍ତକ, ଖୋଜି ଗବେଷଣା କରୁଥିଲେ । ହେଲେ ଏବେ ଏହି ଜିଲା ପାଠାଗାର ପାଠକ ଶୂନ୍ୟ ହେବାକୁ ବସିଛି । ଗତ ଜୁଲାଇ ୩୧ରେ ଏଠାରେ ଦାୟିତ୍ୱରେ ରହିଥିବା ଜଣେ ମାତ୍ର ସହାୟକ ଲାଇବ୍ରେରିଆନ ଅବସର ଗ୍ରହଣ କରିବା ପରେ ଆଉ କାହାକୁ ନିଯୁକ୍ତି ଦିଆଯାଇ ନାହିଁ । ପୂର୍ବରୁ ମଧ ସେ ଦାୟିତ୍ୱରେ ରହିଥିବା ସମୟରେ କେହି ପିଅନ କିମ୍ବା ରାତ୍ରୀ ଜଗୁଆଳି ନ ଥିବାରୁ' ପାଠକମାନଙ୍କୁ ବହି ଖଣ୍ଡିଏ ବାହାର କରିବାକୁ କେହି ନ ଥିଲେ । ତଥାପି ପାଠକ ମାନେ ନିଜେ ବହି ଖୋଜି ବାହାର କଲେ ସହାୟକ ଲାଇବ୍ରେରିଆନ ତାକୁ ଇସ୍ୟୁ କରି ପଢିବା ପାଇଁ ଦେଉଥିଲେ । ହେଲେ ସେ ଅବସର ଗ୍ରହଣ କରିବା ପରେ ସେସବୁ ମଧ ବନ୍ଦ ହୋଇଯାଇଛି ।



ପାଠାଗାର ଜିଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବାରୁ ଜିଲ୍ଲା ସଂସ୍କୃତି ଅଧିକାରୀ ଦାୟିତ୍ୱରେ ଥିବା ସହକାରୀ ଜିଲ୍ଲାପାଳ ଏହି ପାଠାଗାର ଖୋଲୁଛନ୍ତି । ତେବେ ସେ ନିଜ କାମରେ ବ୍ୟସ୍ତ ରହୁଥିବାରୁ କାହାକୁ ବହି ଖଣ୍ଡେ ବାହାର କରି ଦେବା ସମ୍ଭବ ହୋଇପାରୁ ନାହିଁ । ଜିଲା ସଂସ୍କୃତି ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱରେ ରହିଥିବାରୁ ସଂସ୍କୃତି ଅଧିକାରୀ କାମ ସହ ସହାୟକ ଜିଲାପାଳ କାର୍ଯ୍ୟ କରୁଛନ୍ତି । ସେ ଅନେକ ସମୟରେ ସହାୟକ ଜିଲାପାଳ କାର୍ଯ୍ୟାଳୟରେ ମଧ ବସିଥାନ୍ତି । ତେଣୁ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ପାଠାଗାର ନିୟମିତ ଖୋଲା ରଖିବା ସମ୍ଭବ ହେଉନାହିଁ । ଏହାସହ କୌଣସି କାମରେ ବାହାରକୁ ଗଲେ ସଂସ୍କୃତି ଓ କାର୍ଯ୍ୟାଳୟ ସହ ପାଠାଗାରକୁ ମଧ ବିଭିନ୍ନ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରୀଛାତ୍ର ପୁସ୍ତକ ଏବଂ ପତ୍ରପତ୍ରିକା ପଢିବା ପାଇଁ ଆସି ହଇରାଣ ହେଉଛନ୍ତି । ଯଦ୍ୱାରା ପାଠାଗାରକୁ ପ୍ରତିବର୍ଷ ଶହଶହ ପୁସ୍ତକ ଆସୁଥିବା ବେଳେ ସେଗୁଡିକୁ ପାଠାଗାରରେ ସଜାଇ ରଖିବା ମଧ ସମ୍ଭବ ହୋଇପାରୁ ନାହିଁ । ଯେମିତି ପେଟି ଗୁଡିକରେ ବହି ଆସିଥାଏ ସେମିତି ତାକୁ ବର୍ଷବର୍ଷ ଧରି ପାଠାଗାର ପରିସରରେ ଗଦା ହୋଇ ପଡିରହୁଛି । ଏପରିକି ପାଠକମାନଙ୍କ ପାଇଁ ପାଠାଗାର ଉପର ମହଲାରେ ସ୍ୱତନ୍ତ୍ର ଭାବେ ହଲ ରହିଛି । ଯେଉଁଠି ପାଠକମାନେ ସୁବିଧାରେ ବସି ପଢି ପାରିବା କଥା ହେଲେ କର୍ମଚାରୀ ନଥିବାରୁ ତାହା ମଧ ଖୋଲାଯାଉନାହିଁ । ଏମିତି ନାନା ଅସୁବିଧା ମଧରେ ଜିଲା ପାଠାଗାର ତାର ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଇଛି ।

ସୂଚନା ଅନୁସାରେ ଜିଲ୍ଲା ପାଠାଗାରରେ ଜଣେ ସହାୟକ ଲାଇବ୍ରେରିଆନ ସହ ୨ ଜଣ ଆଟେଣ୍ଡାଣ୍ଟ, ଜଣେ ସୁଇପର, ଜଣେ ୱାଚର ପଦବୀ ରହିଛି । ହେଲେ ସରକାରଙ୍କ ଦୃଷ୍ଟି ଅଢୁଆଳରେ ଏହି ଜିଲ୍ଲା ପାଠାଗାରରେ କେହି ଜଣେ ବି କୌଣସି ପଦବୀରେ ସ୍ଥାୟୀ ଭାବେ ଦାୟିତ୍ୱରେ ନାହାନ୍ତି । ସମ୍ବଲପୁର ଭଳି ସଂସ୍କୃତି ସମ୍ପନ୍ନ ସହରରେ ଜିଲା ପାଠାଗାରର ଏଭଳି ଦୁର୍ଦ୍ଦଶାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ସମ୍ବଲପୁର ଟାଉନ୍ ହାଇସ୍କୁଲରେ ପଞ୍ଚସଖା ଦିବସ

ସମ୍ବଲପୁର : ଓଡ଼ିଶା ସାଂସ୍କୃତିକ ସମାଜ ଆନୁକୂଲ୍ୟରେ ନୃସିଂହ ଗୁରୁ ଟାଉନ ହାଇସ୍କୁଲରେ




ପଞ୍ଚସଖା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡକ୍ଟର ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ମହିଳା କଲେଜର ଅବସରପ୍ରାପ୍ତ ଅଧକ୍ଷ ଡକ୍ଟର ସନ୍ତୋଷ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରମାନଙ୍କୁ ସମ୍ବଲପୁରର ପଞ୍ଚସଖା ବଳଭଦ୍ର ସୂପକାର, ମହନ୍ତ ବିହାରୀ ଦାଶ, ବ୍ରଜମୋହନ ପଟ୍ଟନାୟକ, ଶ୍ରୀପତି ମିଶ୍ର ଓ ମଦନମୋହନ ମିଶ୍ରଙ୍କ ଓଡ଼ିଆଭାଷା ଭିତ୍ତିରେ ରାଜ୍ୟ ପାଇଁ ଭାରତର ଶୀତକାଳୀନ ରାଜଧାନୀ ଶିମଲା ଯାତ୍ରାକରି ଉନବିଂଶ ଶତାବ୍ଦୀରେ ସାରା ଭାରତବର୍ଷରେ ଶିହରଣ ସୃଷ୍ଟି କରିଥିଲେ ବୋଲି କହିଥିଲେ । ପ୍ରଧାନଶିକ୍ଷକ ବଲ୍ଲବ ମେହେର ଇତିହାସର ଅନାଲୋଚିତ ସଂଗ୍ରାମୀମାନଙ୍କୁ ଛାତ୍ର ଓ ସମସ୍ତେ ଜାଣିବା ଦରକାର ବୋଲି କହିଥିଲେ । ଏଥିରେ ବିଶିଷ୍ଟ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ଅଶୋକ ମିଶ୍ର ଏବଂ ଶିକ୍ଷୟିତ୍ରୀ ଭୁଜାତା ନନ୍ଦ ପ୍ରମୁଖ ମଧ ଭାଷଣ ଦେଇଥିଲେ । ସମ୍ପାଦକ ଦୀନବନ୍ଧୁ ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ବରଗଡ଼ ସାଂସଦଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ



ସୋହେଲା : ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କୁ ସୋହେଲା ଶ୍ରୀ ଶ୍ରୀ ମାଁ ଗୌରୀଦେବୀ ଟ୍ରଷ୍ଟ ଏବଂ ଦୁର୍ଗାପୂଜା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ଟ୍ରଷ୍ଟ କାର୍ଯ୍ୟାଳୟରେ ଦୁର୍ଗାପୂଜା କମିଟି ସଭାପତି ଏବଂ ଟ୍ରଷ୍ଟ ଚେୟାରମ୍ୟାନ ପ୍ରକାଶ ଚନ୍ଦ୍ର ଦେବତା ସାଂସଦ ଶ୍ରୀ ପୁରୋହିତଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସାଂସଦ ଶ୍ରୀ ପୁରୋହିତ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ସୋହେଲା ଦୁର୍ଗାପୂଜା ଏବଂ ସୋହେଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଦୁର୍ଗାପୂଜା କମିଟି ଏବଂ ଟ୍ରଷ୍ଟ ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଦୁର୍ଗାପୂଜା କମିଟି ଉପସଭାପତି ପୂର୍ବତନ ବିଧାୟକ ମହମ୍ମଦ ରଫିକ, ସମ୍ପାଦକ ପ୍ରମୋଦ ଦେବତା, କୋଷାଧକ୍ଷ ଲଳିତ ଅଗ୍ରୱାଲ, ସହ ସମ୍ପାଦକ ଚନ୍ଦ୍ରମଣୀ ଭଞ୍ଜ, ସଞ୍ଜୀବ ଝାଙ୍କର, ନଥୁରାମ ଅଗ୍ରୱାଲ, ଟଙ୍କଧର ଝାଙ୍କର, ଗୋବିନ୍ଦ ସାହୁ, ବଳବୀର ସିଂଠାକୁର, ଦିଲୀପ ଖମାରୀ, ଗିରିଜେଶ ଖାଡ଼ଙ୍ଗା, ସତ୍ୟଜିତ ପ୍ରଧାନ, ଅଶ୍ୱିନୀ ପାତ୍ର, ଅନିଲ ପଧାନ, କିଶୋର ଗଡ଼ତିଆଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ଝାରସୁଗୁଡ଼ା ହାର୍ଟ ହସ୍ପିଟାଲରେ ମୌଳିକ ସୁବିଧା ନାହିଁ

ଝାରସୁଗୁଡ଼ା : ଝାରସୁଗୁଡ଼ାରେ ପଶ୍ଚିମ ଓଡ଼ିଶାର ପ୍ରଥମ ସରକାରୀ ସୁପରସ୍ପେସାଲିଟି ହାର୍ଟ ହସ୍ପିଟାଲ୍ ହେବ । ଯେଉଁଥିରେ କଳାହାଣ୍ଡିରୁ ନେଇ ସୁନ୍ଦରଗଡ଼ ଯାଏ ରୋଗୀ ଉପକୃତ ହେବେ । ଏଭଳି ପରିକଳ୍ପନା ନେଇ ଝାରସୁଗୁଡ଼ାରେ ହାର୍ଟ ହସ୍ପିଟାଲ ପ୍ରତିଷ୍ଠା କରାଯାଇଛି । କିନ୍ତୁ ଉଦ୍‌ଘାଟନକୁ ଇତିମଧରେ ୬ ମାସ ପୂରି ସାରିଥିଲେ ହେଁ ଏଯାଏ ହସ୍ପିଟାଲରେ ଚିକିତ୍ସା ଆରମ୍ଭ ହୋଇପାରି ନାହିଁ । ଏହି ୬ ମାସର ତଥ୍ୟକୁ ଅନୁଶୀଳନ କଲେ ହାର୍ଟ ହସ୍ପିଟାଲରେ ଦୈନିକ ହାରାହାରି ଦେଢ଼ଜଣ (୧.୫) ରୋଗୀ ଚିକିତ୍ସିତ ହେଉଛନ୍ତି । ଯାହାକୁ ନେଇ ଝାରସୁଗୁଡ଼ା ବିଏମ୍‌ଆରସି ହାର୍ଟ ହସ୍ପିଟାଲ କେବଳ ଏକ ପ୍ରହସନ ବୋଲି ଅଭିଯୋଗ ହେଲାଣି ।



ତଥ୍ୟ ଅନୁସାରେ, ଗତ ଫେବ୍ରୁଆରି ୨୬ ତାରିଖରେ ଏହି ହସ୍ପିଟାଲ ଆରମ୍ଭ ହୋଇଥିବା ବେଳେ ତରବରିଆ ଭାବେ ମାର୍ଚ୍ଚ ୧ ତାରିଖରୁ ଓପିଡି ସେବା ଘୋଷଣା କରିଦିଆଗଲା । କିନ୍ତୁ ହାର୍ଟ ହସ୍ପିଟାଲକୁ ହୃଦ୍‌ରୋଗ ଚିକିତ୍ସା ପାଇଁ ଅତି ଆବଶ୍ୟକ ମେସିନ୍ କୁହାଯାଉଥିବା ଇକୋ ମେସିନ୍ ବି ଆସିପାରି ନାହିଁ । ଫଳରେ ହୃଦ୍‌ରୋଗର ଚିକିତ୍ସା ଏଠାରେ କେବଳ ପରାମର୍ଶରେ ହିଁ ସୀମିତ ରହିଛି । ସେପଟେ, ବିଏମ୍‌ଆରସି ହାର୍ଟ ହସ୍ପିଟାଲରେ ହୃଦ୍‌ରୋଗ ବ୍ୟତୀତ ଦନ୍ତ ଚିକିତ୍ସାକୁ ଅଧିକ ପ୍ରାଥମିକତା ଦିଆଯାଉଥିବା ଦେଖିବାକୁ ମିଳିଛି । ଏପରିକି ସପ୍ତାହକୁ ୬ ଦିନ ଓପିଡି ଚିକିତ୍ସା ହେଉଥିବା ବେଳେ ହୃଦ୍‌ରୋଗ ପାଇଁ ୨ ଦିନ ଓ ଦନ୍ତ ଚିକିତ୍ସା ପାଇଁ ୩ ଦିନ ରହିଛି । କେବଳ ସେତିକି ନୁହେଁ, ସପ୍ତାହକୁ ଗୋଟିଏ ଦିନ ଏଠାରେ ମାଗଣା ଦନ୍ତ ଚିକିତ୍ସା ବି ହେଉଥିବା ଜଣାପଡ଼ିଛି । ଫଳରେ ଗତ ମାର୍ଚ୍ଚ ୧ ତାରିଖରୁ ଅଗଷ୍ଟ ୩୧ ଯାଏ ହସ୍ପିଟାଲକୁ ୨୫୩ ଜଣ ରୋଗୀ ଚିକିତ୍ସା ପାଇଁ ଆସିଛନ୍ତି । ଯେଉଁମାନେ ଫି' ପଇଠ କରି ଡାକ୍ତରଙ୍କ ଠାରୁ ପରାମର୍ଶ ନେଇଛନ୍ତି । ମାର୍ଚ୍ଚରେ ୫୪, ଏପ୍ରିଲରେ ୩୬, ମେ'ରେ ୨୭, ଜୁନ୍‌ରେ ୪୦, ଜୁଲାଇରେ ୬୧ ଓ ଅଗଷ୍ଟ ମାସରେ ୩୫ ଜଣ ରୋଗୀ ଏଠାରେ ଚିକିତ୍ସିତ ହୋଇଛନ୍ତି । ସେପଟେ ପ୍ରତି ମଙ୍ଗଳବାର ହେଉଥିବା ମାଗଣା ଦନ୍ତ ପରାମର୍ଶରେ ୨୭ ଜଣ ରୋଗୀ ଚିକିତ୍ସିତ ହୋଇଥିବା ହସ୍ପିଟାଲର ରେକର୍ଡ କହୁଛି । ବର୍ତ୍ତମାନ ସୁଦ୍ଧା ହସ୍ପିଟାଲର ଏହି ଓପିଡି ସେବା ପାଇଁ ୫ ଜଣ ଡାକ୍ତର ଆସୁଥିବାବେଳେ ଦୈନିକ ମାତ୍ର ୨ ଘଣ୍ଟାର ଚିକିତ୍ସା କରାଯାଉଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହି ହସ୍ପିଟାଲ ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ଯନ୍ତ୍ରପାତି ସରକାର ଯୋଗାଇ ଦେବାକୁ ଥିବା ବେଳେ ପରିଚାଳନା ଦାୟିତ୍ୱ ବିଏମସି ନେଇଛି । କିନ୍ତୁ ହସ୍ପିଟାଲ ନିର୍ମାଣରୁ ଉଦ୍‌ଘାଟନ ମଧରେ ପ୍ରାୟ ୨ ବର୍ଷର ବ୍ୟବଧାନ ରହିଯିବାରୁ ଏଠାକାର ସମସ୍ତ ଯନ୍ତ୍ରପାତି ତତ୍‌କାଳୀନ ରାଜ୍ୟ ସରକାର ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରି ଦେଇଥିଲେ । ହସ୍ପିଟାଲ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଉକ୍ତ ମେସିନ୍‌ଗୁଡ଼ିକ ପୁଣିଥରେ ଅଣାଯିବ ବୋଲି ସେତେବେଳେ ପ୍ରଶାସନ ପକ୍ଷରୁ କୁହାଯାଇଥିଲା । କିନ୍ତୁ ଏବେ ୬ ମାସ ପରେ ବି ତାହା ଆସିପାରି ନାହିଁ । ଯଦ୍ୱାରା ହସ୍ପିଟାଲର ଅନ୍ତର୍ବିଭାଗ ଚାଲିପାରୁନି କି ରୋଗୀ ବି ଏଠାକୁ ଆସିବାକୁ ପସନ୍ଦ କରୁନାହାନ୍ତି । ସ୍ଥିତି ଏଭଳି ହେଲାଣି ଯେ, ବିଏମ୍ସି ଉପରେ ଅଯଥା ଆର୍ଥିକ ବୋଝ ପଡୁଥିବାରୁ ଚିକିତ୍ସା ୨ ଘଣ୍ଟାକୁ ଛାଡ଼ିଦେଲେ ଏଠାରେ ଅନ୍ୟ ସମୟରେ ଫ୍ୟାନ୍‌ଟିଏ ବି ବୁଲୁ ନ ଥିବା ଦେଖିବାକୁ ମିଳିଛି ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# ସ୍ମାର୍ଟ ମିଟର ସମ୍ପୂର୍ଣ୍ଣ ବିଶ୍ୱସନୀୟ: ସିଇଓ ଟିପିଡବ୍ଲ୍ୟୁଓଡିଏଲ୍

ସମ୍ବଲପୁର: ସ୍ମାର୍ଟ ମିଟର ସମ୍ପୂର୍ଣ୍ଣ ବିଶ୍ୱାସନୀୟ । ସ୍ମାର୍ଟ ମିଟରଗୁଡ଼ିକୁ କେବଳ କମ୍ପାନୀର କମ୍ପ୍ୟୁଟର ଗୁଡିକ ଦ୍ୱାରା ଏକ ଯୋଗାଯୋଗ ସ୍ଥାପନ କରାଯାଇଥାଏ ବୋଲି ଟିପିଡବ୍ଲ୍ୟୁଓଡିଏଲ୍‌ର ସିଇଓ ପ୍ରବୀଣ ବର୍ମା କହିଛନ୍ତି ।

ଶ୍ରୀ ବର୍ମା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ସ୍ମାର୍ଟ ମିଟର ଲଗାଇବା ଦ୍ୱାରା ଗ୍ରାହକମାନେ ବିଭିନ୍ନ ପ୍ରକାର ସୁବିଧା ପାଇପାରିବେ । ତେଣୁ ସ୍ମାର୍ଟ ମିଟରକୁ ନେଇ କୌଣସି ପ୍ରକାର ଅସୁବିଧା ନାହିଁ । ବୁର୍ଲା ସ୍ଥିତ ମିଟର ଟେଷ୍ଟିଂ ଲାବରୋଟାରୀ ଅନ୍ତର୍ଜାତୀୟ ସ୍ତରୀୟ ଜ୍ଞାନକୌଶଳରେ ନିର୍ମିତ । ସମସ୍ତ ସ୍ମାର୍ଟ ମିଟର (୩-ଫେଜ ଏବଂ ସିଙ୍ଗିଲ ଫେଜ) ମିଟରର ପୁଙ୍ଖାନୁପୁଙ୍ଖ ପରୀକ୍ଷା ପରେ ଗ୍ରାହକଙ୍କ ପରିସରକୁ ପଠାଯାଇଥାଏ । ପ୍ରକୃତ ପକ୍ଷେ ସ୍ମାର୍ଟ ମିଟର ସମ୍ପୂର୍ଣ୍ଣ ନିର୍ଭରଯୋଗ୍ୟ । ଏହାଦ୍ୱାରା ଗ୍ରାହକମାନେ ନିଜ ଗୃହ, ବ୍ୟବସାୟ କ୍ଷେତ୍ର ଓ ଶିଳ୍ପ କ୍ଷେତ୍ରରେ ଅନାବଶ୍ୟକ ବିଦ୍ୟୁତ୍ ବ୍ୟବହାରକୁ ରୋକି ପାରିବେ । ଏହା ଦ୍ୱାରା ସଠିକ ଭାବେ ବିଦ୍ୟୁତ୍ ବ୍ୟବହାରର ନିରୂପଣ କରାଯାଇ ବିଲ୍ ପ୍ରଦାନ କରାଯାଇଥାଏ ବୋଲି ଶ୍ରୀ ବର୍ମା କହିଥିଲେ ।



ସେ କହିଥିଲେ ଯେ, ଟାଟା ପାୱାର ପଶ୍ଚିମ ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ (ଟିପିଡବ୍ଲୁଓଡିଏଲ) ଉପଭୋକ୍ତାଙ୍କ ସୁବିଧା ଲାଗି ବିଭିନ୍ନ ପଦକ୍ଷେପ ନେଉଛି । କମ୍ପାନୀ ଉପଭୋକ୍ତାଙ୍କ ସୁବିଧାକୁ ହୃଦ୍‌ବୋଧ କରି ସ୍ମାର୍ଟ ମିଟର ସ୍ଥାପନ ଲାଗି ପଦକ୍ଷେପ ଗ୍ରହଣ କରିଛି । ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ବିଭିନ୍ନ ସରକାରୀ ନିର୍ଦ୍ଦେଶନାମା, ବିଦ୍ୟୁତ୍ ବିତରଣରେ ବ୍ୟବହୃତ ହେଉଥିବା ସ୍ମାର୍ଟ ମିଟର ଏବଂ ବିଜ୍ଞାନ ଓ ଜ୍ଞାନକୌଶଳ ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଗବେଷଣା ଦ୍ୱାରା କିପରି ଭାବେ ବିଗତ ଦୀର୍ଘ ୩୦ବର୍ଷ ଭିତରେ ମିଟରର ପରିବର୍ତ୍ତନ ହୋଇଛି ସେନେଇ ସୂଚନା ଦେଇଥିଲେ ।

ଏହି ଅବସରରେ ବୁର୍ଲା ସ୍ଥିତ ମିଟର ପରୀକ୍ଷଣ ପରୀକ୍ଷାଗାର ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ ଅନୁଷ୍ଠାନର ବ୍ୟକ୍ତି ବିଶେଷଙ୍କ ସହ ମିଟର ବିଷୟରେ ଆଲୋଚନା ହୋଇଥିଲା । ଏଥିରେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧିମାନେ ମିଟର ଟେଷ୍ଟିଂ ଲେବୋରେଟୋରୀକୁ ଯାଇ ମିଟର କିପରି ପରୀକ୍ଷା କରାଯାଉଛି ତାହା ଦେଖିଥିଲେ । କାର୍ଯ୍ୟକ୍ରମରେ କମ୍ପାନୀର କର୍ପୋରେଟ୍ କମ୍ୟୁନିକେସନ୍‌ର ମୁଖ୍ୟ ମନୋଜ ପଟ୍ଟନାୟକ, ଲୋକ ସମ୍ପର୍କ ବିଭାଗର ବିଶ୍ୱଜିତ ଭୋଇ ଏବଂ ପ୍ରବୀର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନନ୍ଦପଡ଼ା ଓ ସମଲେଇ ମନ୍ଦିରରେ ନୂଆଁଖାଇଲେ ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନନ୍ଦପଡ଼ାରେ ଅବସରପ୍ରାପ୍ତ କୃଷି ଅଧିକାରୀ ମଦନମୋହନ ମିଶ୍ରଙ୍କ ପରିବାର ସହ ନବାନ୍ନ ଭକ୍ଷଣ କରିଥିଲେ । ଏଥିରେ ଆର୍.ଏସ୍.ଏସ୍.ର ପୂର୍ବତନ ରାଜ୍ୟ ମୁଖ୍ୟ ଅଧାପକ ବିପୀନ ବିହାରୀ ନନ୍ଦ ମଧ ସାମିଲ ଥିଲେ । ଏହାଛଡ଼ା ଶ୍ରୀ ପ୍ରଧାନ ସମଲେଶ୍ୱରୀ ମନ୍ଦିରରେ ମଧ ମୁଖ୍ୟମନ୍ତ୍ରୀଙ୍କ ସହ ନୂଆଁ ଖାଇଥିଲେ ।



# ବଲାଙ୍ଗୀରରେ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦଙ୍କ ୬୯ତମ ଜୟନ୍ତୀ ପାଳିତ





ବଲାଙ୍ଗୀର: ବିଶ୍ୱାତ୍ମ ଚେତନା ପରିଷଦର ପ୍ରତିଷ୍ଠାତା ପରମହଂସ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ୬୯ ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ବିଶ୍ୱାତ୍ମ ବିଦ୍ୟା ମନ୍ଦିର ଉଚ୍ଚ ମାଧମିକ ବିଦ୍ୟାଳୟ ମଧ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ କଟକ କିଶୋର ନଗର ଶୁଦ୍ଧାନନ୍ଦ ଆଶ୍ରମର ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀ, ରାୟପୁର ବିଧାୟକ ପୁରନ୍ଦର ମିଶ୍ର ଓ ବଲାଙ୍ଗୀରର ବିଶିଷ୍ଟ ସମାଜସେବୀ ଗୋପାଳଜୀ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ ।

ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ଶିକ୍ଷା ଉପରେ ଆଧାରିତ ଲିଖିତ ପୁସ୍ତକ 'ଏଜୁକେଟର, ଏଜୁକେନ୍ସ ଏବଂ ଏଜୁକେସନାଲ ଇନଷ୍ଟିଚ୍ୟୁସନ୍' ମଧ ଉତ୍ସବରେ ଉନ୍ମୋଚିତ ହୋଇଥିଲା । ଏହାଛଡ଼ା ପ୍ରଜ୍ଞା ପୁରସ୍କାର ପ୍ରତିଯୋଗିତା -୨୦୨୪ର ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟା ମନ୍ଦିରର ସଂଯୋଜକ ସସ୍ମିତ୍ କୁମାର ସଂଯୋଜନା କରିଥିଲେ ।

ବିଶ୍ୱାତ୍ମ ଚେତନା ପରିଷଦର ସାଧାରଣ ସଂପାଦକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀଜୀ, ବିଦ୍ୟା ମନ୍ଦିରର ସଂପାଦକ ନବୀନ କୁମାର ବେଦବାକ, ବିଶ୍ୱାତ୍ମ ବିଦ୍ୟା ମନ୍ଦିର ଉଚ୍ଚ ମାଧମିକ ବିଦ୍ୟାଳୟ, ଅଧକ୍ଷ ଡକ୍ଟର ସୁଶାନ୍ତ କୁମାର ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଛାତ୍ର-ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ତଥା ଉଦ୍‌ବୋଧନ ଦେଇଥିଲେ ।

# ଜିଏମ୍‌ୟୁରେ ପ୍ରଫେସର ପ୍ରଫୁଲ୍ଲ ପତି ସ୍ମାରକୀ ବକ୍ତୃତା




ସମ୍ବଲପୁର : ବିଶ୍ୱ ସାହିତ୍ୟ ଏବଂ ବିଶ୍ୱର ବିଭିନ୍ନ ଦେଶ ଓ ଭାଷାର ସାହିତ୍ୟ ମଧ୍ୟରେ ବିବିଧତା ରହିଛି ବୋଲି ଯାଦବ-ପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସୁପ୍ରିୟା ଚୌଧୁରୀ କହିଛନ୍ତି ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗ ଆନୁକୂଲ୍ୟରେ ଆୟୋଜିତ ତୃତୀୟ ପ୍ରଫେସର ପ୍ରଫୁଲ୍ଲ କୁମାର ପତି ସ୍ମାରକୀ ବକ୍ତୃତାରେ ଉଦ୍‌ବୋଧନ ଦେଇ ପ୍ରଫେସର ଚୌଧୁରୀ କହିଥିଲେ ଯେ, ବିଶ୍ୱ ସାହିତ୍ୟ ଅନୁଦିତ ହୋଇ ଦେଶର ପାଠକଙ୍କ ପାଖରେ ପହଞ୍ଚୁଛି । ଆମ ଦେଶର ସାହିତ୍ୟ ବିଶ୍ୱ ଦରବାରରେ ପହଞ୍ଚିପାରୁ ନାହିଁ କିମ୍ବା କ୍ୱଚିତ୍ ପହଞ୍ଚିଛି । ଓଡ଼ିଆ, ବଙ୍ଗଳା, କନ୍ନଡ଼ ଆଦି ବିଭିନ୍ନ ଭାଷାର ଲେଖକ ବିଶ୍ୱସ୍ତରୀୟ ସାହିତ୍ୟ ସୃଷ୍ଟି କରୁଥିବା ବେଳେ ତାହା ସାରାବିଶ୍ୱର ପାଠକକୁ ଅପହଞ୍ଚ ହେବାସହ କମ୍ ସଂଖ୍ୟାରେ ଆଦୃତି ଲାଭ କରୁଛି । କିନ୍ତୁ ଇଂରାଜୀ ଭାଷାରେ ଲେଖୁଥିବା ଆମ ଦେଶର ସାହିତ୍ୟ ବିଶ୍ୱବିଦିତ ହୋଇପାରୁଛି । ବିଶ୍ୱ ସାହିତ୍ୟ ସଙ୍ଗାରେ ସାମିଲ ହୋଇପାରୁ ନାହିଁ । ଆଞ୍ଚଳିକ ବା ଦେଶୀୟ ସାହିତ୍ୟ । ଅନୁବାଦ କଲା ସମୟରେ ଆମେ କିଛିଟା ମାନକ ଅବଲମ୍ବନ ନ କଲେ କାଳଜୟୀ ସାରସ୍ୱତ ସୃଷ୍ଟିଗୁଡ଼ିକ ବିଶ୍ୱ ଦରବାରରେ ମାନ୍ୟତା ଲାଭ କରିପାରିବ ନାହିଁ ବୋଲି ସେ କହିଥିଲେ । କୁଳପତି ପ୍ରଫେସର ଏନ୍. ନାଗରାଜୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡଃ ପି. ମୁରଲୀଧର ଶର୍ମା ସଭା ପରିଚାଳନା କରିଥିଲେ । ସ୍ୱର୍ଗତ ପ୍ରଫେସର ପତିଙ୍କ ପୁଅ ହିମାଂଶୁ ଶେଖର ପତି ତାଙ୍କ ପିତାଙ୍କ ବିଭିନ୍ନ ବ୍ୟକ୍ତିତ୍ୱର ସ୍ମୃତିଚାରଣ କରିଥିଲେ । ଏଥିରେ କୁଳସଚିବ ସନତ କୁମାର ନାଏକ, ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ଉପକୁଳସଚିବ ଡଃ ଉମାଚରଣ ପତି, ପ୍ରଫେସର କାଳିଦାସ ମିଶ୍ର, ହିମାଂଶୁ ମହାପାତ୍ର, ସବିତା ତ୍ରିପାଠୀ, ରାଜଲକ୍ଷ୍ମୀ ମିଶ୍ର, ଡଃ କାମଦେବ ସାହୁ, ଡଃ ପ୍ରଦୀପ ପଣ୍ଡା, ହେମନ୍ତ ମହାପାତ୍ର, ଦୁର୍ଗା ପଣ୍ଡା, ଡଃ ବ୍ରହ୍ମାନନ୍ଦ ପାତ୍ର ପ୍ରଫେସର ପତିଙ୍କ ସାନ ପୁଅ ଆଶିଷ ପତି ପ୍ରମୁଖ ଉପସ୍ଥିତ ଥିଲେ ।

# ସମୀକ୍ଷା ମିଶ୍ରଙ୍କ ପି.ଏଚ୍.ଡି ଲାଭ

ସମ୍ବଲପୁର : ଶ୍ରୀମତୀ ସମୀକ୍ଷା ମିଶ୍ର 'ଭାରତରେ ପେନସନ୍ ପାଣ୍ଠିର ପ୍ରଦର୍ଶନ : ମନୋନୀତ ସରକାରୀ ଏବଂ ବେସରକାରୀ କ୍ଷେତ୍ର ପାଣ୍ଠି ଉପରେ ଏକ ଅଧ୍ୟୟନ' ଶୀର୍ଷକ ସନ୍ଦର୍ଭ ଉପରେ ଗବେଷଣା କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନ ସୂଚକ ଡ଼କ୍ଟରେଟ ପିଏଚ୍‌ଡି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ବ୍ୟବସାୟ ଏବଂ ପ୍ରଶାସନ ବିଭାଗର ପୂର୍ବତନ ପ୍ରଫେସର ତଥା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡକ୍ଟର ଅର୍କ କୁମାର ଦାସ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣାରତ ଥିଲେ ।



ତାଙ୍କର ସନ୍ଦର୍ଭଟି ବାହ୍ୟ ପରୀକ୍ଷ୍ୟଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ଅଛି । ଶ୍ରୀମତୀ ମିଶ୍ର, ଶ୍ରୀ ସୌମ୍ୟ ରଞ୍ଜନ ଶତପଥୀଙ୍କର ପତ୍ନୀ ତଥା ଯାଜପୁର ନିବାସୀ ଶ୍ରୀ ନବ କିଶୋର ଶତପଥୀ ଏବଂ ଶ୍ରୀମତୀ କନକଲତା ଶତପଥୀଙ୍କର ପୁତ୍ରବଧୂ ଅଟନ୍ତି । ସେ ସମ୍ବଲପୁର ନିବାସୀ ପ୍ରଫେସର ରବିନାରାୟଣ ମିଶ୍ର ଓ ଶ୍ରୀମତୀ ସୁଚିତ୍ରା ମହାପାତ୍ରଙ୍କର କନିଷ୍ଠ କନ୍ୟା ଏବଂ ଐଶ୍ୱର୍ଯ୍ୟା ମିଶ୍ରଙ୍କର ସାନ ଭଉଣୀ ଅଟନ୍ତି ।

# ପ୍ରଖ୍ୟାତ ରାମାୟଣୀ ଭରତ ଦାସଙ୍କ ପରଲୋକ

ସମ୍ବଲପୁର : ଓଡ଼ିଶାରେ ରାମଚରିତ ମାନସର ବ୍ୟାପକ ପ୍ରଚାର ପ୍ରସାର କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ପ୍ରଖ୍ୟାତ ରାମାୟଣୀ ସନ୍ଥ ଶ୍ରୀ ଭରତ ଦାସଙ୍କ ବାରାଣାସୀରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ପ୍ରାୟ ୮୦ ବର୍ଷ ବୟସ ହେଉଥିଲା । ବିହାରର ମୂଳବାସିନ୍ଦା ଶ୍ରୀ ଭରତ ଦାସ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରିବା ପରେ ବୃନ୍ଦାବନରେ ରହି ରାମଚରିତ ମାନସ ଅଧ୍ୟୟନ କରିଥିଲେ । ପରେ ଦୀର୍ଘ ୪୦ ବର୍ଷ ଧରି ଦେଶର ବିଭିନ୍ନ ସ୍ଥାନରେ ରାମଚରିତ ମାନସ ଉପରେ ପ୍ରବଚନ ଦେଇଥିଲେ । ଏହାଛଡା ରାମଚରିତ ମାନସର ପ୍ରଚାର ପାଇଁ ସେ ଶ୍ରୀ ଭରତ ରାମଚରିତ ମାନସ ପରିଷଦ ଗଠନ କରିଥିଲେ । ସମ୍ବଲପୁର, କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ବାରିପଦା ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରାମଚରିତ ମାନସ ଉପରେ ପ୍ରବଚନ ଦେଇ ସେ ବେଶ୍ ଲୋକପ୍ରିୟ ହୋଇ ପାରିଥିଲେ । ସାରା ଓଡ଼ିଶାରେ ତାଙ୍କର ହଜାର ହଜାର ଭକ୍ତ ଅଛନ୍ତି । ଗତ ପ୍ରାୟ ଦୁଇ ବର୍ଷ ତଳେ ତାଙ୍କର ଶେଷ ଜୀବନ ବାରାଣାସୀରେ କଟାଇବା ପାଇଁ ସ୍ଥିର କରି ସେ ସେଠାକୁ ଯାଇଥିଲେ । ଶ୍ରୀ ଭରତ ଦାସଙ୍କ ବିୟୋଗରେ ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାର, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ଶତ୍ରୁଘନ ଲାଲ ଶାହା, ଗଜେନ୍ଦ୍ର ସାହୁ, ବଳରାମ ପଣ୍ଡା, ଅକ୍ଷୟ ମହାପାତ୍ର, ଜ୍ୟୋତ୍ସ୍ନା ଗୁରୁ, କନକଲତା ପାଢ଼ୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।



# ସାହିତ୍ୟିକ ରାସବିହାରୀ ନାଏକଙ୍କ ପରଲୋକ

ଝାରସୁଗୁଡ଼ା: ତାଳଚେର ଡିଏଭି ସ୍କୁଲରେ ଶିକ୍ଷକତା କରୁଥିବା କବି ଓ ନାଟ୍ୟକାର ରାସବିହାରୀ ନାଏକ (୫୮)ଙ୍କ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଛି । ଝାରସୁଗୁଡ଼ା ତାଳପଟିଆ ଗାଁର ମୂଳ ବାସିନ୍ଦା ଶ୍ରୀ ନାଏକ ଦୀର୍ଘ ଦିନରୁ ଯକୃତ ରୋଗରେ ଆକ୍ରାନ୍ତ ଥିଲେ । ସେ ଝାରସୁଗୁଡ଼ା ସ୍ଥିତ ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିରରୁ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । ସେ ତାଳଚେରରେ ଶିକ୍ଷକତା କରୁଥିବା ସତ୍ତ୍ୱେ ନିଜ ଗାଁ ତାଳପଟିଆରେ ଅନୁଷ୍ଠିତ ସମସ୍ତ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରୁଥିଲେ । ଜନ୍ମମାଟି ପ୍ରତି ଥିବା ତାଙ୍କର ଗଭୀର ଅନୁରକ୍ତି ତାଙ୍କ ଦ୍ୱାରା ଲିଖିତ କବିତାମାନଙ୍କରେ ପ୍ରତିଫଳିତ ହେଉଥିଲା । ତାଙ୍କ ମରଶରୀର ତାଳପଟିଆରେ ପହଞ୍ଚିବା ପରେ ଗ୍ରାମବାସୀ ଓ ଆତ୍ମୀୟସ୍ୱଜନ ଶେଷ ଦର୍ଶନ କରିଥିଲେ । ଇବ୍ ନଦୀକୂଳ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କ ପତ୍ନୀ ସରିତା ଓ ଏକମାତ୍ର ପୁତ୍ର ସିଦ୍ଧାନ୍ତ ଅଛନ୍ତି ।



Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra